## ଜେସିବିରୁ ପମ୍ପ ଚୋରି : ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ଥାନା ଅନ୍ତର୍ଗତ ବାଲିଭଉଁରି ଛକରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଜେସିବିରୁ ଗତ ୨୬ ତାରିଖ ରାତିରେ ପମ୍ପ ଚୋରି ହୋଇଥିଲା। ଏହି ଘଟଣାରେ ପୁରୀ ଜିଲା କୋଣାର୍କ ଅଞ୍ଚଳରୁ ଶୁକ୍ରବାର ପୋଲିସ ସଞ୍ଜୟ ଲେଙ୍କାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ସେ ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଜେସିବି ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ଚାଲୁଥିବା ବିଭିନ୍ନ ଜେସିବିରୁ ବ୍ୟାଟେରି, ପମ୍ପ ଓ ମୂଲ୍ୟବାନ ଯନ୍ତ୍ରାଂଶ ଆଦି ଚୋରି କରି ନେଉଥିଲେ। ଗତ ୨ ମାସ ମଧ୍ୟରେ ପାଖାପାଖି ୬୦ଟି ଜେସିବିରୁ ଏଭଳି ଚୋରି ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଡେରାବିଶ, ୨।୪(ସ୍ୱ.ପ୍ର.) :** ଡେରାବିଶ ଥାନା ନରସିଂହପୁର ପଞ୍ଚାୟତ ମୁଣ୍ଡିଲୋ ଗ୍ରାମ ନିକଟରେ ଶୁକ୍ରବାର ବାଇକ୍ ସହ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ମାହାଙ୍ଗା ଥାନା ଭଦ୍ରେଶ୍ୱର ପଞ୍ଚାୟତ ସାହାନିଆଜପୁର ଗାଁର ନୀହାର ରଞ୍ଜନ ସୂତାର(୨୮)। ଏସ୍‌ଆଇ ନାରାୟଣ ମହାରଣା ଘଟଣାସ୍ଥଳରେ ପହଞ୍ଚି ନୀହାରଙ୍କ ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏଥିସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ମଧ୍ୟ ଜବତ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ନୀହାର ତାଙ୍କ ମାମୁଘର ଡେରାବିଶ ବ୍ଲକ ପଲେଇ ଗାଁକୁ ତାଙ୍କ ବାଇକ ଯୋଗେ ଯାଉଥିଲେ। ଏହି ସମୟରେ ସମ୍ମୁଖ ଭାଗରୁ ଆସୁଥିବା ଅଟୋ ମୁଣ୍ଡିଲୋସ୍ଥିତ ବେଲେଶ୍ୱରୀ ଠାକୁରାଣୀଙ୍କ ନିକଟରେ ବାଇକ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ଥାନାରେ ଏକ ମାମଲା ରୁଜୁ ହୋଇଛି।

### ବିଷ ଖାଇ ମା' ପୁଅ ଗୁରୁତର

**କୁଜଙ୍ଗ,୨।୪(ଡି.ଏନ୍.ଏ.):** କୁଜଙ୍ଗ ଥାନା ଚଟୁଆ ପଞ୍ଜାବୀ ଛକରେ ଭଡାରେ ରହୁଥିବା ଏକ ପରିବାରର ମା'(୫୦) ଓ ପୁଅ(୨୮) ବିଷ ଖାଇ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଶୁକ୍ରବାର ପ୍ରଥମେ କୁଜଙ୍ଗ ଡାକ୍ତରଖାନା ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ପଡ଼ୋଶୀଙ୍କ ସୂଚନା ଅନୁଯାୟୀ, ଗୁରୁତର ମହିଳାଙ୍କ ସ୍ୱାମୀ ସନ୍ନ୍ୟାସ ବହୁ ସମୟରେ ଘରେ ରୁହନ୍ତି ନାହିଁ। ପୁଅ ସବୁବେଳେ ନିଶା ସେବନ କରୁଥିଲେ। ଫଳରେ ବହୁ ସମୟରେ ମା' ଓ ପୁଅଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଶୁକ୍ରବାର ସକାଳେ ତାଙ୍କ ଘର କବାଟ ଖୋଲି ନ ଥିଲା। ପଡୋଶୀ ଲୋକେ ଝରକା ପଟେ ମା'ପୁଅ ଘରେ ପଡ଼ିଥିବା ଦେଖି କବାଟ ତାଡ଼ି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ।

### ବାଲିଆ ମେଳଣ ଉଦ୍‌ଯାପିତ

ଡେରାବିଶ, ୨।୪ (ସ୍ୱ.ପ୍ର.) କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ବାଲିଆ ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଏହି ପର୍ବର ଶେଷରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଳଣ ୩ଶହ ବର୍ଷ ହେଲା ଚାଲି ଆସୁଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ପରମ୍ପରା ଅନୁଯାୟୀ, ସ୍ଥାନୀୟ ହରିନବାବି ମଠର ଶ୍ରୀଜୀଉ ଥାନପତି ରୂପେ ପ୍ରତିଷ୍ଠା ହୋଇଥିଲେ। ମଧ୍ୟରାତ୍ରିରେ ବାଲିଆ ଜମିଦାରଙ୍କ ଆରାଧ୍ୟ ଦେବ ଶ୍ରୀଗୋପୀନାଥ ଜୀଉଙ୍କ ଉପବେସନ ପରେ ଭୋଗ ଲାଗି ହୋଇଥିଲା। ଏହାକୁ ତାରାପ୍ରସାଦ କାନୁନ୍‌ଗୋ, ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ, ଦେବକୀ ନନ୍ଦନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

### ବେଆଇନ ବାଲି ଉଠାଉଥିବା ଟ୍ରାକ୍ଟର ଜବତ

**ଡେରାବିଶ,୨।୪(ସ୍ୱ.ପ୍ର.):** ଡେରାବିଶ ଥାନା ଅଧୀନ ରଘୁଦେଇପୁର ପଞ୍ଚାୟତ ନୋଳସାହିଠାରେ ଗୋବରୀ ନଦୀରୁ ବେଆଇନ ଭାବେ ବାଲି ଉଠାଉଥିବା ଏକ ଟ୍ରାକ୍ଟରକୁ ପୋଲିସ ଶୁକ୍ରବାର ଜବତ କରିଛି। ପ୍ରତ୍ୟେକ ଦିନ ନଦୀରୁ ବେଆଇନ ଭାବେ ବାଲି ଉଠାଇ ଚୋରା ଚାଲାଣ ହେଉଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଡେରାବିଶ ତହସିଲରେ ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇବା ପରେ ଥାନା ଏଏସ୍‌ଆଇ ରମାକାନ୍ତ ଲେଙ୍କା ପୋଲିସ୍ ଟିମ୍ ସହ ପହଞ୍ଚି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛନ୍ତି।

### ପୂର୍ବ ଶତ୍ରୁତାରୁ ମଇଁଷିକୁ ମାରିଦେଲେ

**ବାଲିକୁଦା,୨।୪(ସ୍ୱପ୍ର):** ଅନନ୍ତପୁର ଫାଣ୍ଡି ଅଧୀନ ଅପଣ୍ଡରା ପଞ୍ଚାୟତ ଓଳାଷ ଗାଁର ପ୍ରମୋଦ ଦାସଙ୍କ ମଇଁଷିଙ୍କୁ ପୂର୍ବ ଶତ୍ରୁତାରୁ ମାରିଦିଆଯାଇଛି। ଏନେଇ ଫାଣ୍ଡିରେ ପ୍ରମୋଦ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଗାଁର ଏକ ପରିବାର ସହ ତାଙ୍କର ପୂର୍ବରୁ ଝଗଡ଼ା ଲାଗି ରହିଥିଲା। ଗୁରୁବାର ସେ ମଇଁଷି ଚରାଇବା ପରେ ଆଣି ଗାଁ ମୁଣ୍ଡ ଗୋଠରେ ବାନ୍ଧିଥିଲେ। ମାତ୍ର ଶତ୍ରୁତା ଥିବା ପରିବାରର ଲୋକେ ମଇଁଷି ବେକରେ ଓ ଗୋଡ଼ରେ ଦଉଡି ଗୁଡାଇ ମାରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହା ପରେ ଫାଣ୍ଡି ଅଧିକାରୀ ନିତ୍ୟାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ସେଦିନର ଲୁଣ ସହ ଜୀବନ

- ଅତୀତକୁ ମନେପକାଇଲେ ବରିଷ୍ଠ ଲୁଣ ଚାଷୀ
- ଆର୍ଥିକ ଅନଟନ ବେଳେ ଲୁଣ ସାଜିଥିଲା ସାହାରା

**ମହାକାଳପଡ଼ା,୨।୪(ଡି.ଏନ.ଏ.)**

୧୯୪୦ ମସିହାର କଥା । ସ୍ୱାଧୀନତା ପୂର୍ବରୁ ଓଡ଼ିଶାରେ ଖାଦ୍ୟାଭାବ ସମସ୍ୟା ଉତ୍କଟ ଥିଲା । ବର୍ଷସାରା କୃଷକମାନେ ମହାଜନ ଜମିରେ ଦିନରାତି ଖଟି ଧାନ କରଜ ଶୁଝୁଥିଲେ। ସେତେବେଳେ ସମୁଦ୍ରକୂଳିଆ ଜମିକୁ ଲୁଣାଜଳ ମାଡ଼ିଆସେ । ହିଡ଼ ବାନ୍ଧି ଲୁଣାଜଳ ଚାଷୀମାନେ ସାଇତି ରଖିନ୍ତି। ଲୁଣାଜଳ ଜମି ଆସିବା ପରେ ଉପର ଜଳକୁ ହିଡ଼ କାଟି ବାହାର କରିଦିଆଯାଏ । ବଉଳି ଯାଇଥିବା ଉପର ଲୁଣାମାଟିକୁ ଖପରାରେ କୋରି ବଡ଼ ମାଟିହାଣ୍ଡିରେ ଭର୍ତ୍ତି କରାଯାଇ ଚୁଲିରେ ବସାଯାଏ। ଆସ୍ତେ ଆସ୍ତେ ପାଣି ଶୁଖି ଲୁଣ ବାହାରେ। ହାରାହାରି ୩୭ରୁ ୪୦କେଜିକୁ ଗୋଟିଏ ମହଣ କୁହାଯାଏ। କୋପଡିଅ, ମାଉଣ୍ଟ ଡିହ ଆଦି ସ୍ଥାନ ଲୁଣମାରିବା କେନ୍ଦ୍ର ପାଲଟିଥିଲା। ଅମଳ ହୋଇଥିବା ଲୁଣକୁ ବିକ୍ରି ପାଇଁ ଚାଷୀମାନେ ବିଳମ୍ବିତ ରାତିରୁ ଘରୁ ବାହାରି ଦଳ ଦଳ ହୋଇ ଯାଇଥାନ୍ତି। ମହଣରୁ ଊର୍ଦ୍ଧ୍ୱ ଲୁଣକୁ ଶିକାରେ ବାନ୍ଧି ବାହୁଙ୍ଗିରେ ବୋହି କଟକ ଓ କେନ୍ଦ୍ରାପଡ଼ା ଜିଲା ସମେତ ବିଭିନ୍ନ ଅଞ୍ଚଳକୁ ନେଇଥାନ୍ତି । ଲୋକମାନେ ହାତପାହାନ୍ତାରେ ଲୁଣ କିଣୁ ଥିଲେ । ଲୁଣ ବିକ୍ରି ବାବଦରେ କିଏ ଅଧଲା, ପାହୁଲା, ପଇସାଟିଏ ଦିଅନ୍ତି ତ ଆଉ କିଏ ବିରି,ମାଣ୍ଡିଆ, ଚାଉଳ ଦିଅନ୍ତି । ଘରକୁ ଫେରିଲା ବେଳେ ପଚ୍ଚାମୁଣ୍ଡାଇ ହାଟରୁ ରୋଷେଇ ସଉଦା, ଲୁଗା, ଗାମୁଛା କିଣି ଚାଷୀମାନେ ଘରକୁ ଫେରନ୍ତି। ସେଦିନ ଲୁଣମରାର କାହାଣୀ ସହିତ ଅତୀତର ସ୍ମୃତିକୁ ଏମିତି ମନେପକାନ୍ତି ମହାକାଳପଡ଼ାର ବରିଷ୍ଠ ନାଗରିକମାନେ। ମହାକାଳପଡ଼ାର ୮୫ ବର୍ଷର ବୃଦ୍ଧ ଦୀନବନ୍ଧୁ ରାଉତ କୁହନ୍ତି, ମୋତେ ସେତେବେଳେ ଦଶରୁ ବାରବର୍ଷ ବୟସ । ବର୍ଷରେ ଦୁଇରୁ ଚାରିଥର ବଡ଼ ବନ୍ୟା ଆସେ । ଫସଲ ଉଜୁଡିଯାଏ । ଜୀବନ ବଞ୍ଚାଇବା ପାଇଁ ଆମେ ନିକଟ ଜଙ୍ଗଲ କାଟି ଜମିରେ ଲୁଣ ମାରୁ । ସେଦିନର ଲୁଣ ହିଁ ଆମ ସଂସାରକୁ ବଞ୍ଚାଇ ରଖିଥିଲା। ୮୬ ବର୍ଷର ଦିବାକର ଗୋଚ୍ଛାୟତ କୁହନ୍ତି, ପିଲାଟି ବେଳୁ ବାପାଙ୍କ ସହିତ ଯାଇ ଲୁଣମାରିବା ଦେଖିଥିଲି। ଲୁଣ ବିକ୍ରିରୁ ଯାହା ପଇସା ମିଳେ ପରିବାର ଚଳେ । ସମୟ ବଦଳିଛି ଏବେ ବି ଲୁଣମରା ଯାଉଥିବା ଡିହ ମୂକସାକ୍ଷୀ ପାଲଟିଛି । ବାପାଙ୍କଠାରୁ ଶୁଣିଥିଲି ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଆହ୍ୱାନକୁ ଅନୁସରଣ କରି ଆମ ଅଞ୍ଚଳର ଅନେକ ଲୋକ ଲୁଣମାରିବା ପାଇଁ ଆଗେଇ ଆସିଥିଲେ।



ଲୁଣ ମରା ଯାଉଥିବା ସ୍ଥାନ।



ଦିବାକର ଗୋଚ୍ଛାୟତ



ଦୀନବନ୍ଧୁ ରାଉତ

# ୮୧ ବର୍ଷ ବୟସରେ ଲାଠି ଖେଳୁଛନ୍ତି ବାବାଜି

**କେନ୍ଦ୍ରାପଡ଼ା ଅଫିସ, ୨।୪**

**ଖେଳ ପାଇଁ ହାର ମାନିଛି ବୟସ**



ବାବାଜି ସାହୁ

ତୁଳସୀ କ୍ଷେତ୍ରାଧିପତିଙ୍କ ଛାମୁ ମେଳଣ ସରିଛି। ଫଗୁ ଦଶମୀଠାରୁ ଶୁକ୍ରବାର ପଞ୍ଚଦୋଳ ପର୍ଯ୍ୟନ୍ତ ଦୀର୍ଘ ୨୫ ଦିନ ହେଲା ଦୋଳ ବିମାନ ଆଗରେ ବାବାଜି ସାହୁ ଲାଠି ଖେଳିଛନ୍ତି। ସହର ନିକଟ ଗୁଲନଗରର ଏହି ୮୧ ବର୍ଷୀୟ ବୃଦ୍ଧଙ୍କ ନିକଟରେ ଲାଠି ଖେଳ ପାଇଁ ବୟସ ବାଧକ ହୋଇନାହିଁ। ହାତରେ ବାଡି ଧରିଲେ ବିଜୁଳି ବେଗରେ ବୁଲାଇବା ସହ ସମ୍ମୁଖରେ ଥିବା ୪ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅନାୟାସରେ ସମ୍ମୁଖୀନ ହେଉଛନ୍ତି। ବାବାଜିଙ୍କ ଏହି ବାଡି ଖେଳ ୬୭ ବର୍ଷର ପୁରୁଣା। ଦୋଳ ସମୟରେ ତାଙ୍କର ଏହି ଲାଠିବାଜ କଳା ଦେଖିବାକୁ ମିଳେ ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ତାଙ୍କ ସମ୍ପର୍କରେ ଗ୍ରାମର ଉମାକାନ୍ତ ନାୟକ କୁହନ୍ତି, ସେ ନ ରହିଲେ ଦୋଳ ମେଳଣ ଫିକା ଲାଗେ। ବୟସ ଅଧିକ ହୋଇଥିଲେ ମଧ୍ୟ ଲାଠି ଖେଳରେ ଧୁରନ୍ଧର। ଯୁବକ ସମୟରେ ସେ ଲାଠି ବୁଲାଇଲେ ତାଙ୍କ ଦେହରେ ଟେକା ବାଜେ ନାହିଁ ବୋଲି ପ୍ରବାଦ ଅଛି। ଲାଠିକୁ ଏକ ମାରଣାସ୍ତ୍ର ଭାବେ ବ୍ୟବହାର କରାଯାଉଥିବା ବେଳେ ଏଥିରେ ସେ କେବେ କାହାକୁ ଆକ୍ରମଣ କରିବା ଶୁଣାଯାଇନାହିଁ। ଅଭିଜ୍ଞତା ତାଙ୍କୁ ଅଦ୍ୟାବଧି ସଫଳତା ଦେଇ ଆସିଥିବା ନାୟକ ପ୍ରକାଶ କରିଛନ୍ତି। ବାବାଜି ସାହୁ କୁହନ୍ତି, ୧୪ ବର୍ଷ ବୟସରେ ଲାଠିଖେଳ ଜେଜେବାପାଙ୍କଠାରୁ ଶିଖିଥିଲେ। ସେ ଏକା ନୁହନ୍ତି, ତତ୍କାଳୀନ ସମୟରେ ଗ୍ରାମର ସମସ୍ତ ବାଳକ ଲାଠିଖେଳ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଲାଠି କେବଳ ଆତ୍ମରକ୍ଷା ପାଇଁ ବ୍ୟବହାର କରାଯାଏ। ସମ୍ମୁଖରେ ଥିବା ପ୍ରତିଦ୍ୱନ୍ଦ୍ୱୀର ପ୍ରତ୍ୟେକ ଚାଲକୁ ନଜର ରଖି ତ୍ୱରିତ ବେଗରେ ନିଜକୁ ପ୍ରସ୍ତୁତ କଲେ ହାରିବା ପ୍ରଶ୍ନ ଉଠିବ ନାହିଁ। ଏହା ଓଡ଼ିଆଙ୍କ ପାରମ୍ପରିକ ଖେଳ। ବିଶେଷକରି ଦୋଳ ଓ ଅନ୍ୟାନ୍ୟ ମହୋତ୍ସବରେ ଲାଠି ଖେଳ ଖୁବ୍ ମନୋରଞ୍ଜନ ଦେଇଥାଏ ବୋଲି ସେ ପ୍ରକାଶ କରିଛନ୍ତି।

# ୩ ହଜାର ଲୋକଙ୍କ ପାଇଁ ଗୋଟିଏ ନଳକୂପ

**ପାରାଦୀପ ପୌରାଞ୍ଚଳର ୩ନଂ ୱାର୍ଡ ଲକ୍‌ପଡା ବସ୍ତି**

**ପାରାଦୀପ,୨।୪(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳର ୩ ନଂ ୱାର୍ଡ ଲକପଡା ବସ୍ତିରେ ଏବେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ବସ୍ତିରେ ଥିବା ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଏବେ ମାତ୍ର ଗୋଟିଏ ନଳକୂପ ସାହାରା ପାଲଟିଛି। ତାଳଦଣ୍ଡା କେନାଲ ସଂଲଗ୍ନ ଏହି ବସ୍ତିରେ ଏବେ ଯେତେ ନଳକୂପ ବସାଯାଉଛି ସେଥିରୁ ଖାରଜଳ ବାହାରୁଛି। ତନ୍ମଧ୍ୟରେ ଜର୍ଦାରୀପଡା ପାଖ ବିଲ ମଝିରେ ଥିବା ଗୋଟିଏ ନଳକୂପରୁ ଭଲ ପାଣି ବାହାରୁଛି। ମାତ୍ର ସେହି ନଳକୂପରୁ ପାଣି ନେବାପାଇଁ ଲୋକଙ୍କୁ ଦୀର୍ଘବାଟ ଯିବାକୁ ପଡୁଛି ବୋଲି ବସ୍ତିର ବିଭୂତି ବିଶ୍ୱାଳ କୁହନ୍ତି। ଉକ୍ତ ବସ୍ତିରେ ଆଉ ଏକ ଗଭୀର ନଳକୂପ ବ୍ୟବସ୍ଥା କରିବା ପାଇଁ ବସ୍ତିବାସୀ କିଛିଦିନ ପୂର୍ବେ ପୌର କର୍ତ୍ତୃପକ୍ଷଙ୍କ ଲିଖିତ ଭାବେ ଦାବି କରିଛନ୍ତି।

ସୂଚନାଯୋଗ୍ୟ,ଏହି ବସ୍ତିର ଗୋଟିଏ ପାର୍ଶ୍ୱରେ ତାଳଦଣ୍ଡା କେନାଲ ଓ ଅପରପାର୍ଶ୍ୱରେ ବଟ ନଦୀର ଧାର ରହିଛି। ସମୟକ୍ରମେ ବଟନଦୀ ଅସ୍ତିତ୍ୱ ହରାଇ ସାରିଲାଣି। ସେହି ଅଞ୍ଚଳକୁ ଏସାର୍‌ଷ୍ଟିଲ୍(ଏଏମ୍‌ଏନ୍‌ଏସ୍)ଅଧିଗ୍ରହଣ କରିଛି। ବସ୍ତି ଅଞ୍ଚଳ ଜାଗା ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଦିନକୁ ଦିନ ବସ୍ତିରେ ଲୋକସଂଖ୍ୟା ବଢୁଥିବାରୁ ସେଠାକାର କେତେଜଣ ଲୋକ ବ୍ୟକ୍ତିଗତ ଉଦ୍ୟମରେ ନଳକୂପ ବସାଇଥିଲେ। ମାତ୍ର ସେଥିରୁ ଦୂଷିତ ଓ ଖାରଜଳ ବାହାରୁଛି। ଏହି ବସ୍ତି ମଧ୍ୟରେ ପୌରପାଳିକା ଗତ ଦଶବର୍ଷ ତଳେ ଗୋଟିଏ ନଳକୂପ ବସାଇଥିଲା। ସେହି ନଳକୂପର ପାଣି ଶୁଦ୍ଧ ହୋଇଥିବାରୁ ତାକୁ ସମସ୍ତେ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି ବୋଲି ତୋଫାନ ସ୍ୱାଇଁ କୁହନ୍ତି। ଗ୍ରୀଷ୍ମ ସମୟରେ ପାନୀୟ ଜଳର ଚାହିଦା ଅଧିକ ହେଉଥିବାବେଳେ ଏକମାତ୍ର ନଳକୂପ କିପରି ସମସ୍ତଙ୍କ ଚାହିଦା ପୂରଣ କରିବ ସେନେଇ ବସ୍ତିବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏ ପ୍ରସଙ୍ଗରେ ପୌରନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ କୁହନ୍ତି,ଉକ୍ତ ସ୍ଥାନରେ କେଉଁଠି ଭୂତଳ ଜଳ ଭଲ ମିଳିବ ତାହା ପରୀକ୍ଷା କରି ରିପୋର୍ଟ ଦେବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ତା'ପରେ ଗଭୀର ନଳକୂପ ବସାଇବାକୁ ବ୍ୟବସ୍ଥା କରାଯିବ।



ଜର୍ଦାରୀପଡ଼ା ନିକଟ ନଳକୂପ।

# ଆକ୍ରମଣରେ ଗୁରୁତର ରମାକାନ୍ତଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ, ୨।୪**

ପାଟକୁରା ଥାନା ବଛରାଇ ଗ୍ରାମର ରମାକାନ୍ତଙ୍କ ଉପରେ ମରଣାନ୍ତକ ଆକ୍ରମଣ ମାର୍ଚ୍ଚ ୨୫ରେ ହୋଇଥିଲା। ଗୁରୁତର ରମାକାନ୍ତଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଛି। ତାଙ୍କର ଏହି ମୃତ୍ୟୁ ପରେ ପରିବାର ସଦସ୍ୟ କେସ୍ ନଂ. ୧୬୫/୨୧ରେ ଥିବା ଆଇପିସି ଧାରା ୩୦୭ରୁ ଧାରା ୩୦୨କୁ ବଦଳାଇବାକୁ ଥାନାରେ ଦାବି କରିଛନ୍ତି। ରମାକାନ୍ତଙ୍କ ପୁତୁରା ବୋହୂଙ୍କ ଥାନାରେ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ସହ ପଡୋଶୀଙ୍କ ଏକ ସୂଚନା ଅଧିକାର ଆଇନର ତଥ୍ୟକୁ ନେଇ ବିବାଦ ଅଛି। ଏହି ବିବାଦକୁ ନେଇ ପଡୋଶୀ ଅରୁଣ ନାୟକ ଓ ତାଙ୍କ ସହଯୋଗୀମାନେ ମାର୍ଚ୍ଚ ୨୫ ସନ୍ଧ୍ୟାରେ ଘରେ ପଶି ବୋହୂ ସୁଭଦ୍ରାଙ୍କୁ ମାଡ ମାରିବା ସହ ଖରାପ ବ୍ୟବହାର ଦେଖାଇଥିଲେ। ତାଙ୍କ ପାଟି ଶୁଣି ନିକଟରେ ଥିବା ଦାଦା ରମାକାନ୍ତ ଘଟଣାସ୍ଥଳରେ ପହଞ୍ଚି ବୋହୂଙ୍କୁ ଉଦ୍ଧାର କରୁଥିବା ସମୟରେ ସମ୍ପୃକ୍ତ ଲୋକମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ରମାକାନ୍ତଙ୍କ ମୁଣ୍ଡ ଫାଟି ଯାଇଥିଲା। ରମାକାନ୍ତଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଜ୍ୟୋତିରଞ୍ଜନ ମହାନ୍ତି କହିଛନ୍ତି, ମାମଲାର ମୁଖ୍ୟ ଅଭିଯୁକ୍ତ ଅରୁଣ ନାୟକଙ୍କୁ ଗିରଫ କରାଯାଇଛି। ମାମଲା ଏପର୍ଯ୍ୟନ୍ତ ତଦନ୍ତାଧୀନ ଥିବା ସେ ପ୍ରକାଶ କରିଛନ୍ତି।

# ୫ରେ ତଦନ୍ତ, ୧୨ରେ ହେବ ଶୁଣାଣି

**ମହିଳା ସମିତି ଗୃହ ପରିଚାଳିକାଙ୍କ ଶିଶୁ ଜନ୍ମ ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୨।୪**

ମାର୍ଶାଘାଇ ଥାନା ଅଞ୍ଚଳର ଏକ ଚାଇଲ୍‌ଡ କେୟାର ଇନ୍‌ଷ୍ଟିଚ୍ୟୁଶନର ଗୃହ ପରିଚାଳିକାଙ୍କ ଶିଶୁ ଜନ୍ମ ଘଟଣାର ତଦନ୍ତ ଆସନ୍ତା ୫ରେ ହେବ। ଏଥିନେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିବେ ବୋଲି କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ ଓ ଏସ୍‌ପିଙ୍କୁ ମାର୍ଚ୍ଚ ୩୧ରେ ଏକ ଚିଠି କରିଛନ୍ତି। ଏ ନେଇ ଦେଇଥିବା ନୋଟ୍‌ଶିଟ୍‌ରେ ଦର୍ଶାଇଛନ୍ତି, ଜଣେ ମହିଳା ଏହି ଅନୁଷ୍ଠାନରେ ଗୃହ ପରିଚାଳିକା ଭାବେ କାର୍ଯ୍ୟ କରୁଥିବା ବେଳେ ସଭାପତିଙ୍କ ବାପାଙ୍କ ଦ୍ୱାରା ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତ ମହିଳା ୨୦୨୦ ଏପ୍ରିଲ ୧୭ରେ ଏକ ଶିଶୁପୁତ୍ର ଜନ୍ମ କରିଛନ୍ତି। ଏହି ଶିଶୁପୁତ୍ର ଓ ମା'ଙ୍କୁ ମାରି ଦେବାକୁ ବାରମ୍ବାର ଧମକ ମିଳିଛି। ଏ ନେଇ ଅନୁଷ୍ଠାନର ଜଣେ କର୍ମଚାରୀ ଥାନାରେ ଜଣାଇବା ସହ ଆୟୋଗ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ. ୧୦୨/୨୧ରେ ମାମଲା ରୁଜୁ କରାଯାଇଛି। ଆୟୋଗ ନିକଟରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆସନ୍ତା ୧୨ ତାରିଖ ସୁଦ୍ଧା ରିପୋର୍ଟ ପହଞ୍ଚିବ ବୋଲି ଏଥିରେ ଉଲ୍ଲେଖ ରହିଛି।



କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉଙ୍କ ପଞ୍ଚଦୋଳ ବେଶ।

# ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥଗ୍ରହଣ

**ଜଗତ୍‌ସିଂହପୁର ଅଫିସ, ୨।୪**

ଜଗତ୍‌ସିଂହପୁର ଜିଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି, ଗୋରାଚାନ୍ଦ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ସଭା ପରିଚାଳନା କରିଥିଲେ। ଆଇନଜୀବୀ ରବୀନ୍ଦ୍ରନାଥ ନବ ନିର୍ବାଚିତ ସଭାପତି ଗଗନ ଚନ୍ଦ୍ର ଦାଶ, ଉପସଭାପତି ପ୍ରହ୍ଲାଦ କୁମାର ନାୟକ, ସମ୍ପାଦକ ନରେଶ ଦାସ, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ବିବେକାନନ୍ଦ ନାୟକ, ଅଶ୍ୱିନୀ ଅମିତାଭ ଲେଙ୍କା, ଅନିରୁଦ୍ଧ ସାବତ, ରୁଦ୍ରନାରାୟଣ ନାୟକ, ବାଟୁ ଭୋଇ, ପ୍ରକାଶ ଚନ୍ଦ୍ର ରାୟ ଓ ସଦସ୍ୟା ରାଜଶ୍ରୀ ମହାନ୍ତିଙ୍କୁ ଶପଥ ପାଠ କରାଇଥିଲେ। ଉତ୍ସବରେ ଜିଲା ଓକିଲ ସଂଘର ଶତାଧିକ ଆଇନଜୀବୀ ଯୋଗଦେଇଥିଲେ।

# ସହରରେ ପଞ୍ଚଦୋଳ, ରଙ୍ଗଖେଳ

**କେନ୍ଦ୍ରାପଡ଼ା ଅଫିସ, ୨।୪**

କୋଭିଡ୍ ୧୯ କଟକଣା ମଧ୍ୟରେ କେନ୍ଦ୍ରାପଡ଼ା ସହରର ପଞ୍ଚଦୋଳ ଓ ରଙ୍ଗଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚଦୋଳ ମେଳଣ ପାଇଁ ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଗୁରୁବାର ରାତିରୁ ଶ୍ରୀଜୀଉଙ୍କ ମେଳଣ ଆରମ୍ଭ ହୋଇଥିଲା। ଏଥିରେ ଗରାପୁରସ୍ଥ ରଘୁନାଥଜୀଉ ଥାନପତି ଭାବେ ପୂଜା ପାଇଥିଲେ। ପାହାଡପୁର ମଠ, ଚାଟରାପାଟଣାର ଶ୍ରୀଗୋବିନ୍ଦଜୀଉ, ଗଣାମାହାଲର ଶ୍ରୀବିନୋଦବିହାରୀ, କୁଣିଆପାଳର ଶ୍ରୀଲଛମନଜୀଉ, ଠାକୁରହାଟ ଚୁଲିସାହି, ବାସୁଳେଇ ବୁଢ଼ା ଗୋସେଇଁ, ମାରୱାଡି ପଟି ଲକ୍ଷ୍ମୀନାରାୟଣ, ଜୟପୁରାର ରାଧାକୃଷ୍ଣଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଶ୍ରୀଜୀଉଙ୍କ ବିମାନ ଶୋଭାଯାତ୍ରାରେ ଆସି ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ଶୁକ୍ରବାର ପ୍ରତ୍ୟୁଷରୁ ଭୋଗ ଲାଗି ପରେ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ଛାମୁ ମେଳଣ ପଡିଆକୁ ଯାତ୍ରା କରିଥିଲେ। ଏହାକୁ ମେଳଣ କମିଟିର ଭୀମସେନ ବେହେରା, ଭକ୍ତପ୍ରସାଦ ସାହୁ, ଉପେନ୍ଦ୍ର ବେହେରା, ସଞ୍ଜିକାନ୍ତ ବେହେରା, ରବୀନ୍ଦ୍ର ମହାପାତ୍ର, ସନାତନ ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ। ମେଳଣ ଆରମ୍ଭରୁ ସହରରେ ରଙ୍ଗ ଓ ଫଗୁ ହୋଲି ଉତ୍ସବ ଆରମ୍ଭ ହୋଇଥିଲା। ସହରରେ ସକାଳ ୬ରୁ ସନ୍ଧ୍ୟା ପର୍ଯ୍ୟନ୍ତ କଟକଣା ଜାରି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।




କେନ୍ଦ୍ରାପଡ଼ା ପୁରୁଣା ସହରରେ ମେଳଣ।

# ବାଉଁଶ, ବେତ ମହିଳାଙ୍କୁ ସ୍ୱାବଲମ୍ବୀ କରାଇଛି

- ପୂର୍ବରୁ ବଡ଼ି, ପାମ୍ପଡ଼ ତିଆରି କରୁଥିଲେ
- ୨୦୧୯ରେ ୬ ମାସିଆ ତାଲିମ ଦିଆଯାଇଥିଲା

**ନାଉଗାଁ,୨।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅନ୍ତର୍ଗତ ତେଣ୍ଟୋଇ ଓ ଉର୍ ଗ୍ରାମର ମହିଳାମାନଙ୍କ ପାଇଁ ବାଉଁଶ ଓ ବେତ ରୋଜଗାରର ମାଧ୍ୟମ ପାଲଟିଛି। ଏଥିରେ ବିଭିନ୍ନ ସାମଗ୍ରୀ ତିଆରି କରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆଗାମୀ ଦିନରେ ବିଭିନ୍ନ ରାଜ୍ୟର ପ୍ରଦର୍ଶନୀ, ମେଳା ଆଦିରେ ଏସବୁ ସାମଗ୍ରୀ ବିକ୍ରି କରିବା ପାଇଁ ସେମାନେ ଯୋଜନା ରଖିଛନ୍ତି। ପୂର୍ବରୁ ଏହି ମହିଳାମାନେ ଘରେ ବସି ରହୁଥିଲେ। ପରେ ତେଣ୍ଟୋଇ ଗ୍ରାମରେ ମହାଲକ୍ଷ୍ମୀ ଏସ୍‌ଏଚଜି ଏବଂ ଉର ଗ୍ରାମରେ ମା'କୁତାମଚଣ୍ଡୀ ଏସ୍‌ଏଚ୍‌ଜି ଗଢ଼ିଥିଲେ। ଉଭୟ ଏସ୍‌ଏଚଜିର ପ୍ରାୟ ୧୫ ଜଣ ସଦସ୍ୟ ମିଶି ପ୍ରଥମେ ଜମା ରଖିଥିବା ଅର୍ଥରୁ କିଛି ଆଣି ବଡି, ପାମ୍ପଡ ତିଆରି କରି ନିକଟସ୍ଥ ବଜାରରେ ବିକ୍ରି କରୁଥିଲେ। ସେମାନଙ୍କ ଦୃଢ଼ ମନୋବଳ ଦେଖି ଜଗତ୍‌ସିଂହପୁର ଜିଲା ଶିଳ୍ପ ତାଲିମ କେନ୍ଦ୍ର ଆଗେଇ ଆସିଥିଲା। ବାଉଁଶ ଓ ବେତରେ ବିଭିନ୍ନ ସଉକିନ ସାମଗ୍ରୀ ତିଆରି କରିବା ପାଇଁ ନଭେମ୍ବର ୨୦୧୯ରେ ୬ ମାସିଆ ତାଲିମ ପ୍ରଦାନ କରିଥିଲା। ତାଲିମଦାତା ଭାବେ ପ୍ରତିମା ଓଝା ଯୋଗ ଦେଇ ସେମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଉତ୍ସାହିତ କରିଥିଲେ। ତାଲିମ ସମୟରେ ସେମାନଙ୍କୁ ଜିଲା ଶିଳ୍ପ କେନ୍ଦ୍ର ତରଫରୁ ଏକ ହଜାର ଟଙ୍କା ଲେଖାଏ ଷ୍ଟାଇପେଣ୍ଡ ପ୍ରତି ମାସରେ ଦିଆଯାଇଥିଲା। ଏହାପରେ ମହିଳାମାନେ ଉକ୍ତ ଗ୍ରାମର ଏକ ଠାକୁରଙ୍କ ଗୃହରେ ବାଉଁଶ ଓ ବେତର ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି। ସାମଗ୍ରୀ ତିଆରି ପାଇଁ ଶିଳ୍ପ କେନ୍ଦ୍ର ତରଫରୁ ବିଭିନ୍ନ କଞ୍ଚାମାଲ ଯୋଗାଇ ଦିଆଯାଇଛି।

ଏହି ସାମଗ୍ରୀ ବିକ୍ରି ହେଲେ ମହିଳାମାନେ ଭଲ ଟଙ୍କା ରୋଜଗାର କରିବା ପାଇଁ ଆଶା ବାନ୍ଧି ବସିଛନ୍ତି। ଏ ସମ୍ପର୍କରେ ମହାଲକ୍ଷ୍ମୀ ଏସ୍‌ଏଚଜିର ସଭାପତି ତପସ୍ୱିନୀ ସେଠୀ କୁହନ୍ତି, ପୂର୍ବରୁ ଆମେ ଘରେ ବସି ସମୟ ନଷ୍ଟ କରୁଥିଲୁ। ଗ୍ରୁପ୍ ମାଧ୍ୟମରେ ପ୍ରଥମେ ବଡି, ପାମ୍ପଡ ଓ ଧୂପ ଆଦି ତିଆରି କରି ପରିବାରର କିଛି ଆର୍ଥିକ ବୋଝ ଉଠାଇବାକୁ ସକ୍ଷମ ହୋଇଥିଲୁ। ତେବେ ବେତ ଓ ବାଉଁଶର ବିଭିନ୍ନ ପ୍ରକାର ତାଲିମ ପାଇବା ପରେ ଆର୍ଥିକ ସ୍ଥିତି ଅନେକାଂଶରେ ସୁଧୁରିଛି।

ମା'କୁତାମଚଣ୍ଡୀ ଦଳର ସଦସ୍ୟ କୁନିଲତା ସେଠୀ କୁହନ୍ତି, ଏହି କାର୍ଯ୍ୟ ଶିଖିବା ଦ୍ୱାରା ଆମେ ରୋଜଗାରକ୍ଷମ ହୋଇପାରିଛୁ। ଯେଉଁ ସବୁ ସାମଗ୍ରୀ ଆମେ ତିଆରି କରିଛୁ, ତାହା ବିକ୍ରି ହେଲେ ମାସକୁ ୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିବୁ। ଏ ସମ୍ପର୍କରେ ତାଲିମଦାତା ପ୍ରତିମା କୁହନ୍ତି, ଘରୋଇ ଶିଳ୍ପ ଉଦ୍ୟୋଗକୁ ଆଗକୁ ବଢାଇବାକୁ ଇଚ୍ଛା ରଖିଥିବା ମହିଳାମାନଙ୍କୁ ଜିଲା ଶିଳ୍ପ କେନ୍ଦ୍ର ଆର୍ଥିକ ସହାୟତା ଯୋଗାଇବା ସହ ବିକ୍ରି ପାଇଁ ସାହାଯ୍ୟ ଓ କଞ୍ଚାମାଲ ଯୋଗାଇ ଦେଉଛି।



ମହିଳାମାନେ ବେତରେ ବିଭିନ୍ନ ଉପକରଣ ତିଆରି କରୁଛନ୍ତି।

## ଜାରକା କାଜୁ ଜଙ୍ଗଲରେ ନିଆଁ

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ନିକଟ ଦେଉଳି ପାହାଡ଼ ପାଦଦେଶରେ ଥିବା କାଜୁ ଜଙ୍ଗଲରେ ଶୁକ୍ରବାର ନିଆଁ ଲାଗି ବହୁ ଗଛ ଜଳିଯାଇଛି। ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦିନ ପ୍ରାୟ ୧୨ଟାରେ ଏଭଳି ଅଗ୍ନିକାଣ୍ଡ ଘଟିଥିଲା। ତେବେ ଏହି ନିଆଁ କିଭଳି ଲାଗିଲା ତାହା ସ୍ପଷ୍ଟ ହୋଇ ପାରିନାହିଁ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧା ମୃତ

ଚଣ୍ଡିଖୋଲ,୨।୪(ଡି.ଏନ.ଏ.): ବଡ଼ଚଣା ଥାନା ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତ କୁମ୍ଭାରସାହି ଗ୍ରାମର କାମିନୀ ବେହେରା(୬୧)ଙ୍କ ସାପ କାମୁଡ଼ାରେ ଶୁକ୍ରବାର ମୃତ୍ୟୁ ହୋଇଛି। କାମିନୀ ଗୁରୁବାର ଭୋର ସମୟରେ ମାଟି ଆଣିବା ପାଇଁ ନିକଟସ୍ଥ ହାଇଲେବୁଲ କେନାଲ ନିକଟକୁ ଯାଇଥିଲେ। ସେଠାରେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ସକାଳେ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଚଣ୍ଡିଖୋଲ,୨।୪(ଡି.ଏନ.ଏ.): ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଶିରିଶ କୁମାର ସାମଲଙ୍କ ସଭାପତିତ୍ୱରେ କୋର୍ଟର ବରିଷ୍ଠ ବିଚାରପତି ବିଷ୍ଣୁପ୍ରସାଦ ମିଶ୍ର ମୁଖ୍ୟଅତିଥି ଓ କନିଷ୍ଠ ବିଚାରପତି ସୌମ୍ୟରଞ୍ଜନ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଭାବେ ଦେବରାଜ ବେହେରା, ଉପସଭାପତି ଶ୍ରୀକାନ୍ତ ବଳ, ସମ୍ପାଦକ ପ୍ରକାଶ ଦାଶ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଘଡ଼େଇ, ସହସମ୍ପାଦକ(କ୍ରୀଡ଼ା) କିଶୋର ନାୟକ, ସହସମ୍ପାଦକ (ସାଂସ୍କୃତିକ) ବିରେନ ବିଶ୍ୱାଳ, ସହସମ୍ପାଦକ (ପାଠାଗାର) ଦୀନବନ୍ଧୁ ନାୟକ, କୋଷାଧ୍ୟକ୍ଷ ଚିନ୍ମୟ ପ୍ରତାପ, କାର୍ଯ୍ୟକାରୀ କମିଟି ସଭ୍ୟ ଶ୍ୟାମ ପ୍ରସାଦ ଦାଶ, ହେମନ୍ତ ମାହାଲା, ସୁଢଳ କବି, ମମତା ପ୍ରିୟଦର୍ଶିନୀ ସାହୁ, ବିଶ୍ୱଜିତ୍ ସାହୁ ଓ ଅଜିତ ରାଉତ ଶପଥ ଗ୍ରହଣ କରିଥିଲେ। ସହ ନିର୍ବାଚନ ଅଧିକାରୀ ପ୍ରସାଦ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ମହାବିନାୟକଙ୍କ ସମ୍ପତ୍ତି, ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ

ଚଣ୍ଡିଖୋଲ,୨।୪(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅଧୀନ ପ୍ରସିଦ୍ଧ ଶୈବପୀଠ ମହାବିନାୟକଙ୍କ ବହୁସମ୍ପତ୍ତି ଏବେ ଜବରଦଖଲ ହୋଇଛି। କେତେଜଣ ଜମି ମାଫିଆ ଠାକୁରଙ୍କ ସମ୍ପତ୍ତିକୁ ଜବରଦଖଲ କରି ସେଠାରେ ଘର ନିର୍ମାଣ କରିସାରିଲେଣି। ତେବେ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସୂଚନା ଅଧିକାର ବଳରେ ପ୍ରଭୁ ମହାବିନାୟକଙ୍କ ବହୁ ଜମି ବିଭିନ୍ନ ସ୍ଥାନରେ ଦଖଲରେ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମହାବିନାୟକ ମନ୍ଦିର ଟ୍ରଷ୍ଟି ଅଧକ୍ଷ ଧନେଶ୍ୱର ସାମଲଙ୍କୁ ପଚାରିବାରେ ସେ କୁହନ୍ତି, କେତେକ ପ୍ରଭାବଶାଳୀ ଲୋକ ଠାକୁରଙ୍କ ଜମିକୁ ଜବରଦଖଲରେ ରଖିଛନ୍ତି। ଏସମ୍ପର୍କରେ ପ୍ରଶାସନକୁ ଜଣାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଠିକ୍ ସେହିଭଳି ଦର୍ପଣ ତହସିଲ ଅଧୀନସ୍ଥ ଭୁଷଣ୍ଡପୁର ଗ୍ରାମ ପଞ୍ଚାୟତର ନକପଶି, ଭଡ଼ଙ୍ଗା ଓ ଖଣ୍ଡିଆ ବନ୍ଧି ଅଞ୍ଚଳର କେତେଜଣ ମାଫିଆ ଜଙ୍ଗଲ ଜମିରେ ବୃହତ ଅଟ୍ଟାଳିକା ନିର୍ମାଣ କରି ସେଠାରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ଗଢିଛନ୍ତି। ଫଳରେ ସେ ବାବଦରେ ଛାତ୍ରୀଛାତ୍ରଙ୍କଠାରୁ ବହୁ ଅଙ୍କର ଅର୍ଥ ଆଦାୟ କରି ନାଲି ଆଖି ଦେଖାଉଛନ୍ତି। ବର୍ଷ ବର୍ଷ ଧରି ଜଙ୍ଗଲ ଜମିରେ ଏହି ଅଟ୍ଟାଳିକା ଛିଡା ହୋଇଥିବା ବେଳେ ଦର୍ପଣ ତହସିଲ ପ୍ରଶାସନର ନଜର ନପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜଙ୍ଗଲ ଜମିରେ ଶିକ୍ଷାନୁଷ୍ଠାନକୁ କିପରି ଅନୁମତି ମିଳିଛି ତାହା ତଦନ୍ତ ହେଲେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏହି ଜମିରେ ବେଆଇନ ଭାବେ ଅଟ୍ଟାଳିକା ନିର୍ମାଣ ଓ ଏଠାକୁ ଯିବା ପାଇଁ ରାସ୍ତା କିପରି ବେଆଇନ ଭାବେ ନିର୍ମାଣ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ଏଥିପ୍ରତି ଯାଜପୁର ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ଦର୍ପଣ ତହସିଲଦାର ବରେଣ୍ୟେନ୍ଦୁ ମହାନ୍ତିଙ୍କୁ ପଚାରିବାରେ ସେ କୁହନ୍ତି, ଏପର୍ଯ୍ୟନ୍ତ ଆମ ନିକଟରେ କୌଣସି ଅଭିଯୋଗ ନାହିଁ। ଲିଖିତ ଅଭିଯୋଗ ଆସିଲାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଲକ୍ଷ୍ୟଧାର୍ଯ୍ୟ କମ୍ କରି ଲୁଟ୍

## କଳାପଥର, ମୋରମ ସଇରାତରେ ରାଜସ୍ୱ ଚଞ୍ଚକତା


ପୂର୍ବିକୋଟ ମୌଜାରୁ ଲୁଟ୍ ହୋଇଥିବା ମୋରମ୍।

ଯାଜପୁର ଅଫିସ,୨।୪

ମୂଲ୍ୟବାନ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଯାଜପୁର ଜିଲାର ଧର୍ମଶାଳା ଓ ବ୍ୟାସନଗର ତହସିଲ ଅଞ୍ଚଳରେ ରାଜସ୍ୱ ଚଞ୍ଚକତା କରାଯାଉଛି। ପ୍ରଶାସନ ପକ୍ଷରୁ ଆବଶ୍ୟକଠାରୁ କମ୍ ଲକ୍ଷ୍ୟଧାର୍ଯ୍ୟ ଦେଇ ବାକି ରାଜସ୍ୱକୁ ମିଳିମିଶି ଲୁଟ କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଲକ୍ଷ୍ୟଧାର୍ଯ୍ୟଠାରୁ କିଛି ଅଧିକ ରାଜସ୍ୱ ଆଦାୟ ହୋଇଥିବା ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷ ବାହୁସ୍ଫୋଟ ମାରୁଥିବା ଦେଖିବାକୁ ମିଳିଛି। ଫଳରେ ସରକାର ଗତ ୩ ବର୍ଷ ମଧ୍ୟରେ ବେଆଇନ ମୂଲ୍ୟବାନ କଳାପଥର ଓ ମୋରମ ଚୋରାଚାଲାଣକୁ ନେଇ ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଇଥିବା ଆକଳନ କରାଯାଉଛି।

ଯାଜପୁର ଜିଲାର ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ, ବିଛାଖଣ୍ଡି, ରାହାଡ଼ପୁର, ଅଞ୍ଜିରା, ବରଡ଼ା, ଲୁଣିବର, ବାଜବାଟି, ଆରୁହା ପ୍ରଭୃତି ପାହାଡ଼ରେ ଛୋଟବଡ଼ କରି ପ୍ରାୟ ୧୦୦ କଳାପଥର ସଇରାତ ରହିଛି। ଏହାବାଦ୍ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ମଧ ପ୍ରାୟ ୨୦୦ କଳାପଥର ଖାଦାନ ବେଆଇନ ଭାବେ ଚାଲିଛି। ତେବେ ୭୨ଟି ସଇରାତକୁ ନିଲାମ ଦିଆଯାଇଛି। ଏଥିରୁ ପ୍ରାୟ ୫୦ କୋଟି ଟଙ୍କା ରାଜସ୍ୱ ଆଦାୟ ହେବା କଥା। ଅଥଚ ପ୍ରଶାସନ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ମାତ୍ର ୧୩ କୋଟି ୯୯ ଲକ୍ଷ ୯୯ ହଜାର ୬୬୩ ଟଙ୍କା ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ସେଥିରୁ ୧୬ କୋଟି ୬୫ ଲକ୍ଷ ୪ ହଜାର ୪୨୭ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଲକ୍ଷ୍ୟଧାର୍ଯ୍ୟଠାରୁ ୧୮% ଅଧିକ ରାଜସ୍ୱ ଆଦାୟ ହୋଇଥିବାରୁ ଧର୍ମଶାଳା ତହସିଲ କର୍ତ୍ତୃପକ୍ଷଙ୍କୁ ସବୁଆଡୁ ସାବାସି ଦିଆଯାଉଛି। କିନ୍ତୁ ଭିତିରି କଥାକୁ ଅନେକେ ଅନୁମାନ କରି ପାରିନାହାନ୍ତି। ଜିଲାସ୍ତରରେ ଦାୟିତ୍ୱରେ ଥିବା ଅଧିକାରୀ ଲକ୍ଷ୍ୟଧାର୍ଯ୍ୟ ଦେବାରେ ଚଞ୍ଚକତା କରି ବିପୁଳ ପରିମାଣର ରାଜସ୍ୱ ଲୁଟ୍ କରୁଥିବା ଏଥିରୁ ସ୍ପଷ୍ଟ ମନେ ହେଉଛି। ଏଠାରେ ଆରୁହା ପାହାଡ଼କୁ ଉଦାହରଣ ଭାବେ ନିଆଯାଇପାରେ। ଜମି ରେକର୍ଡ ଅନୁସାରେ ଏହି ପାହାଡରେ ୧୫୩.୬୩୦ ଏକର କଳାପଥର ଖାଦାନ ଅଞ୍ଚଳ ରହିଛି। ସେଥିରୁ ମାତ୍ର ୩ ଏକର ୨୦୧୭-୧୮ରୁ ୫ ବର୍ଷ ପାଇଁ ତ୍ରିନାଥ ଜେନାଙ୍କୁ ଲିଜ ଦିଆଯାଇଥିଲା। ପୂର୍ବ ପ୍ରସ୍ତୁତି ଅନୁସାରେ ବାକି ୧୫୦ ଏକର କଳାପଥର ଖାଦାନ ଜମିରୁ ଏଯାଏ ଲୁଟ ଚାଲିଛି। ଖଣି ବିଭାଗର ବୈଷୟିକ ଟିମ୍ ଦ୍ୱାରା ମାପଚୁପ କରାଗଲେ ପ୍ରାୟ ୧୦୦୦ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଥିବା ଧରାପଡିପାରେ ବୋଲି ମତପ୍ରକାଶ ପାଇଛି।

ଡଙ୍କାରୀ ପାହାଡକୁ ଅନ୍ୟତମ ଉଦାହରଣ ଭାବେ ନିଆଯାଇପାରେ। ଡଙ୍କାରୀ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁସାରେ ଧର୍ମଶାଳା ତହସିଲ ପକ୍ଷରୁ ୩ ଜଣଙ୍କୁ ଅଭିଯୁକ୍ତ କରାଯାଇଛି। ଏଥିରେ ଡଙ୍କାରୀ ଗ୍ରାମର ରବି ଦାସ, ଚଢେଇଧରା ଗ୍ରାମର କୁନା ପୃଷ୍ଟି ଓ ଢେଙ୍କାନାଳ ଜିଲା ବାଜିଚୌକଛକ ଗ୍ରାମର ସ୍ୱରୂପାନନ୍ଦ ଦାସଙ୍କ ନାମ ରହିଛି। ଏହି ପାହାଡ଼ରୁ ମଧ ପ୍ରାୟ ୧୦୦ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି। ଜେନାପୁର ଥାନାଧିକାରୀଙ୍କୁ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ୪ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଅଭିଯୁକ୍ତମାନଙ୍କୁ ମାଫ କରାଯାଇଛି। ଏଭଳି ଅନେକ ଉଦାହରଣ ରହିଛି, ଯେଉଁଥିରେ ବିପୁଳ ପରିମାଣର ରାଜସ୍ୱକୁ ମିଳିମିଶି ଲୁଟ କରାଯାଉଛି। ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଏହାର ପ୍ରତିବାଦ ସ୍ୱରୂପ ଆଇନଗତ ଆଶ୍ରୟ ନେବାରୁ ତାଙ୍କ ଉପରେ ବୋମାମାଡ ହୋଇଛି।

ବ୍ୟାସନଗର ତହସିଲ ଅଞ୍ଚଳରେ ବିପୁଳ ପରିମାଣର ଲାଲମାଟି(ମୋରମ) ଗଚ୍ଛିତ ରହିଛି। ହେଲେ ପ୍ରଶାସନ ପକ୍ଷରୁ ମାଛଚାଷ ପାଇଁ ପୋଖରୀ ଖନନ ନାମରେ ଆବଶ୍ୟକତାଠାରୁ ବହୁ ଗୁଣ ମୋରମ ଲୁଟ୍ ହେଉଛି। ଏହି ତହସିଲ ଅନ୍ତର୍ଗତ ପୂର୍ବିକୋଟ, ମଞ୍ଜୁରୀ, କନ୍ତୋର ଆଦି ମୌଜାରୁ ଜାତୀୟ ରାଜପଥ କାର୍ଯ୍ୟ ନାମରେ ପ୍ରାୟ ୫୦ କୋଟି ଟଙ୍କାର ମୋରମ ଲୁଟ ହୋଇସାରିଛି। ୨୦୨୦-୨୧ରେ ଏହି ତହସିଲକୁ ୨ କୋଟି ୨୨ ଲକ୍ଷ ୪୭ ହଜାର ୩୩୫ ଟଙ୍କା ଲକ୍ଷ୍ୟଧାର୍ଯ୍ୟ ରହିଥିଲାବେଳେ ୫ କୋଟି ୭୮ ଲକ୍ଷ ୪୦ ହଜାର ୧୨୧ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏଠାରେ ମଧ କମ୍ ଲକ୍ଷ୍ୟଧାର୍ଯ୍ୟ ଦେଇ ବିପୁଳ ଟଙ୍କା ମିଳିମିଶି ଲୁଟ୍ କରାଯାଉଥିବା ଅଭିଯୋଗ ଉଠିଛି। ଏ ସଂକ୍ରାନ୍ତରେ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଲିଜ୍ ସଇରାତ ଅନୁଯାୟୀ ରାଜସ୍ୱ ଲକ୍ଷ୍ୟଧାର୍ଯ୍ୟ ଦିଆଯାଉଛି। ଆଗାମୀ ଦିନରେ ଆହୁରି ଅଧିକ ସଇରାତ ଲିଜ ଦେଇ ରାଜସ୍ୱ ଆଦାୟକୁ ବୃଦ୍ଧି କରାଯିବ।

## କ୍ରିକେଟ: ଜେନିଥ୍ ଏକାଡେମୀ ବିଜୟୀ


ବିଜୟୀ ଦଳର ଖେଳାଳି।

ଯାଜପୁର ଟାଉନ,୨।୪(ଡି.ଏନ.ଏ.)

ଜିଲା କ୍ରିକେଟ୍ ଆସୋସିଏଶନ ସହାୟତାରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ସ୍ଥାନୀୟ ବାଳାଶ୍ରମ ପଡ଼ିଆରେ ଚାଲିଥିବା ଯାଜପୁର ଜିଲା ସିନିୟର୍ କ୍ରିକେଟ ପ୍ରତିଯୋଗିତାରେ ଶୁକ୍ରବାର ମ୍ୟାଚରେ ଜେନିଥ୍ କ୍ରିକେଟ୍ ଏକାଡେମୀ ୭୩ରନରେ କଳିଙ୍ଗନଗର କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି।

ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଜେନିଥ୍ ଏକାଡେମୀ ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୪୪.୩ ଓଭର୍ ଖେଳି ସମସ୍ତ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାହୁଲ୍ ସ୍ୱାଇଁ ୫୫ ରନ ଓ ବିକାଶ ମୁଦୁଲି ୩୯ ରନ କରିଥିଲେ। କଳିଙ୍ଗନଗର କ୍ରିକେଟ ଏକାଡେମୀ ପକ୍ଷରୁ ସତ୍ୟଜିତ୍ ମଲ୍ଲିକ ୭.୩ ଓଭର ବୋଲିଂ କରି ୬୩ ରନ୍ ଦେଇ ୪ ଉଇକେଟ ଓ ଧନୁର୍ଦ୍ଧର ମହନ୍ତ ୮ ଓଭର ବୋଲିଂ କରି ୪୩ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଳିଙ୍ଗନଗର କ୍ରିକେଟ ଏକାଡେମୀ ୩୫.୨ ଓଭରରେ ୨୩୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜେନିଥ୍ ଏକାଡେମୀ ବୋଲ୍‌ର ରଜନୀକାନ୍ତ ଦାସ ତାଙ୍କ ୯ ଓଭର୍ ବୋଲିଂରେ ୫୩ ରନ ଦେଇ ୩ ଉଇକେଟ ଓ ମୃତ୍ୟୁଞ୍ଜୟ ଦାସ ୭.୨ ଓଭର ବୋଲିଂ କରି ୪୮ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଅସିତ୍ ପାଲ୍ ଓ ଶାରଦା ପ୍ରସନ୍ନ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

## ମା’ ଅଙ୍ଗେଶ୍ୱରୀଙ୍କ ୭ମ ବାର୍ଷିକ ଯଜ୍ଞ ଉତ୍ସବ

ରସୁଲପୁର,୨।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗଠାରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଅଙ୍ଗେଶ୍ୱରୀଙ୍କ ୭ମ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଏକଦିବସୀୟ ଯଜ୍ଞରେ ପ୍ରାତଃ ସମୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ନିକଟସ୍ଥ ବ୍ରହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ମା’ଙ୍କ ମନ୍ଦିର ପରିସରକୁ ଅଣାଯାଇଥିଲା। ପରେ ଯଜ୍ଞ ବେଦୀ ନିକଟରେ ଘଟ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୁରୋହିତ ଅଭିରାମ ପତି, ସହକାରୀ ପୂଜକ ଉଦୟନାଥ ପଣ୍ଡା ଯଜ୍ଞ କାର୍ଯ୍ୟ କରିଥିଲେ। ରାତ୍ର ୧୧ଟାରେ ପୂର୍ଣ୍ଣାହୁତି ହୋଇଥିଲା। ଅଶୋକ କର, ଅନ୍ନପୂର୍ଣ୍ଣା କର କର୍ତ୍ତା ଦାୟିତ୍ୱ ସମ୍ପନ୍ନ କରିଥିଲେ। ପ୍ରଶାନ୍ତ ବାରିକ, କାମେଶ୍ୱର ପଣ୍ଡା, ପ୍ରତାପ ସ୍ୱାଇଁ, ସନ୍ଦୀପ ସ୍ୱାଇଁ, ବିଶ୍ୱରଞ୍ଜନ ସାହୁ, ସଚ୍ଚିରଞ୍ଜନ ପଣ୍ଡା ପ୍ରମୁଖ ୨୧ ଜଣ କଳସ ବୁଡାଇଥିଲେ।

## ୫ରେ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ଯାଜପୁର ରୋଡ୍,୨।୪(ଡି.ଏନ.ଏ.)

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବି

କରୋନା ସମୟରେ ବିଦ୍ୟୁତ୍ ଗ୍ରାହକମାନଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ଥିବାବେଳେ ସରକାର ଦର ବୃଦ୍ଧି କରି ଚାଲିଛନ୍ତି। ୬ ମାସ ପୂର୍ବରୁ ୟୁନିଟ୍ ପିଛା ୨୦ପଇସା ଓ ଟାଟା ପାୱାରକୁ ହସ୍ତାନ୍ତର ପୂର୍ବରୁ ପୁନର୍ବାର ୟୁନିଟ ପିଛା ୩୦ପଇସା ବୃଦ୍ଧି କରିବା ଗ୍ରାହକଙ୍କୁ ବେଢି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ଶୁକ୍ରବାର ଆଇଏନ୍‌ଟିୟୁସି ଏବଂ ସିଆଇଟିୟୁ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏନ୍‌ଟିୟୁସିର ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ଆଇଏନ୍‌ଟିୟୁସି ଜିଲା ସହ ସମ୍ପାଦକ ପରମାନନ୍ଦ ସେଠୀ, ସିଆଇଟିୟୁର ଧୀରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୫ ତାରିଖରେ ଯାଜପୁର ରୋଡ୍‌ସ୍ଥିତ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ମାତ୍ରାଧିକ ଟିକସ ଲାଗୁ କରିବା ଫଳରେ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦର ବୃଦ୍ଧି ହୋଇଛି। ବଡ଼ବଡ଼ କର୍ପୋରେଟ ହାଉସକୁ ଅନୁକମ୍ପା ଦେଖାଇ କୋଟି କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଉଥିବାବେଳେ ସାଧାରଣ ଲୋକେ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ହରିପୁର, ଲକ୍ଷ୍ମୀନଗର ପିଏଚ୍‌ସି କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ

ରସୁଲପୁର,୨।୪(ଡି.ଏନ.ଏ.)

ରସୁଲପୁର ବ୍ଲକର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଲକ୍ଷ୍ମୀନଗର ଓ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)କୁ କାୟାକଳ୍ପ ପୁରସ୍କାର-୨୦୨୧ ପାଇଁ ମନୋନୀତ କରାଯାଇଛି। ଏହି ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବାହାର ଓ ଭିତର ସୌନ୍ଦର୍ଯ୍ୟକରଣ, କର୍ମଚାରୀଙ୍କ ଆଚାରବ୍ୟବହାର, ପୋଷାକ ପରିଚ୍ଛନ୍ନତା ଦିଗରେ ଉଲ୍ଲେଖନୀୟ ସଫଳତା ଥିବାରୁ କାୟାକଳ୍ପ ପୁରସ୍କାର ପ୍ରଦାନ କରିବାକୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ପକ୍ଷରୁ ସୁପାରିସ କରାଯାଇଥିଲା। ସୁପାରିସ ଅଧାରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଲିନ ପଣ୍ଡିତଙ୍କ ଅନୁମୋଦନକ୍ରମେ ଏହା ଚୂଡାନ୍ତ ହୋଇଥିବା ସୂଚନା ମିଳିଛି।

ପ୍ରକାଶଯୋଗ୍ୟ, ଚଳିତବର୍ଷ ୨୩ ମାର୍ଚ୍ଚରେ ଷ୍ଟେଟ୍ କ୍ୱାଲିଟ୍ ଆସୁରାନ୍ସ କମିଟି ଓ ରାଜ୍ୟସ୍ତରୀୟ କାୟାକଳ୍ପ ମନୋନୟନ କମିଟିର ମିଳିତ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ଏହି ପୁରସ୍କାର ପାଇବା ପାଇଁ ଯାଜପୁର ଜିଲାରୁ ୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚୟନ କରାଯାଇଛି। ସେଥି ମଧ୍ୟରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନ ପାଇଥିବାରୁ ଡା. ଶାନ୍ତିସ୍ୱରୁପ ଷେଣ୍ଢ, ଦେବସ୍ମିତା ରାଉତରାୟ, ଫାର୍ମାସିଷ୍ଟ ଅମରେଶ ଦାସ, ଏଏନ୍‌ଏମ୍ ରେବତୀଲତା ବେହେରା, ଷ୍ଟାଫ୍‌ନର୍ସ ମରୁମାୟା ନାୟକ, ଏଲଆଇ ଇତିପ୍ରଭା ଜେନା, ପ୍ରମୋଦ ବେହେରା, ମନୋରମା ସାହୁ ଓ ସ୍ୱାସ୍ଥ୍ୟକର୍ମଚାରୀମାନେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏହି ସଫଳତା ଖବର ଜାଣି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପିଂହ୍ୟାଣ୍ଡ ପକ୍ଷରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ମଦ ଦୋକାନ ଲାଇସେନ୍ସ ଆବେଦନ ସମୟ ବୃଦ୍ଧିକୁ ନେଇ ଦ୍ୱନ୍ଦ୍ୱ

ଧର୍ମଶାଳା,୨।୪(ଡି.ଏନ.ଏ.)

ଚଳିତ ବର୍ଷରୁ ରାଜ୍ୟର ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନକୁ ଲଟେରି ମାଧ୍ୟମରେ ଲାଇସେନ୍ସ ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାଜପୁର ଜିଲାରେ ଥିବା ବିଦେଶୀ ଓ ଦେଶୀ ମଦ ଦୋକାନଗୁଡିକୁ ଆସନ୍ତା ୮ରେ ଲଟେରି ମାଧ୍ୟମରେ ଲାଇସେନ୍ସ ପ୍ରଦାନ ପାଇଁ ଧାର୍ଯ୍ୟ କରାଯାଇଛି। ସେହି ଅନୁସାରେ ଜିଲାରେ ଥିବା ୪୨ ବିଦେଶୀ ଓ ୧୮ ଦେଶୀ ମଦ ଦୋକାନ ଲାଇସେନ୍ସ ପାଇଁ ୩୦ ମାର୍ଚ୍ଚ ସୁଦ୍ଧା ଆବେଦନ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିନିମନ୍ତେ ଏକାଧିକ ଆବେଦନ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ଅବେଦନ ସମୟକୁ ଅଧିକ ୨ ଦିନ ବଢ଼ାଇଛନ୍ତି। ଫଳରେ ଏହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ୩୦ ତାରିଖ ସୁଦ୍ଧା ଅନେକ ଆବେଦନ କରି ସାରିଥିବା ବେଳେ ପୁଣି ସମୟ ବଢ଼ାଯିବାକୁ ନେଇ ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଧର୍ମଶାଳା ଥାନା ସଙ୍ଖାରିଡିହ ସ୍ଥିତ ବିଦେଶୀ ମଦ ଦୋକାନ ପାଇଁ ୩୦ ତାରିଖ ସୁଦ୍ଧା ୩୯ ଜଣ ଆବେଦନ କରିଥିବା ବେଳେ, ୩୧ରେ ପୁଣି ୨ଜଣ ଅବେଦନ କରିଥିଲେ। ସେହିପରି ୧ ତାରିଖରେ ଏହି ସଂଖ୍ୟା ବୃଦ୍ଧି ପାଇ ମୋଟ ୪୨ ଜଣ ଆବେଦନ କରିଥିବା ଜଣାଯାଇଛି। ଜାରକାସ୍ଥିତ ଦେଶୀ ମଦ ଦୋକାନ ପାଇଁ ୩୦ ତାରିଖ ସୁଦ୍ଧା ୪ ଜଣ ଆବେଦନ କରିଥିବା ବେଳେ ୧ ତାରିଖ ସୁଦ୍ଧା ଏହା ବୃଦ୍ଧି ପାଇ ୯ ହୋଇଛି। କୁଆଖିଆ ବିଦେଶୀ ମଦ ଦୋକାନ ପାଇଁ ୩୦ ତାରିଖ ସୁଦ୍ଧା ୪୦ ଜଣ ଅବେଦନ କରିଥିବା ବେଳେ ୧ ତାରିଖରେ ଏହା ବୃଦ୍ଧି ପାଇ ୪୩ ହୋଇଛି। କୁଆଖିଆସ୍ଥିତ ଦେଶୀ ମଦ ଦୋକାନ ପାଇଁ ୩୦ ତାରିଖ ସୁଦ୍ଧା ୧୦ଜଣ ଆବେଦନ କରିଥିବା ବେଳେ ୧ ତାରିଖରେ ଏହା ୧୩ ହୋଇଛି। ତେବେ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ତାରିଖ ସୁଦ୍ଧା ଅନେକ ବିଡର ଆବେଦନ କରିସାରିଥିବା ବେଳେ କେଉଁ ଉଦ୍ଦେଶ୍ୟରେ ପୁଣି ୨ ଦିନ ଆବେଦନ ତାରିଖକୁ ବୃଦ୍ଧି କରାଗଲା ତାହାକୁ ନେଇ ଅନେକ ଆବେଦନକାରୀ ପ୍ରଶ୍ନ କରିଛନ୍ତି। ତେଣୁ ଏହାର ତଦନ୍ତ କରିବାକୁ ଆବେଦନକାରୀ ଦାବି କରିଛନ୍ତି। ଏସମ୍ପର୍କରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଆବେଦନ ସମୟକୁ ୨ ଦିନ ବଢ଼ାଯାଇଛି।

## ଜିଲା ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ

ଜେନାପୁର/ଧର୍ମଶାଳା,୨।୪(ଡି.ଏନ.ଏ.)

ଯାଜପୁର ଜିଲା ସାମ୍ବାଦିକ ସଂଘ (ଏସ୍‌ୟୁଜେ ଶାଖା) ପକ୍ଷରୁ ଧର୍ମଶାଳା ବ୍ଲକ ଜେନାପୁର ଡାକବଙ୍ଗଳାଠାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁବାସ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ପାତ୍ରଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ସୌମ୍ୟରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ବସନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଅବିନେଶ୍ୱର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥିଭାବେ ଏସ୍‌ୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବାର୍ଷିକ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇ ସାଙ୍ଗଠନିକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ଜିଲାର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇଥିଲା। ରାଜ୍ୟ ପରିଷଦ ସଦସ୍ୟ ଇନ୍ଦ୍ରମଣି ନାୟକ ଅନ୍ୟତମ ଅତିଥିଭାବେ ଯୋଗଦେଇ ଜେନାପୁର ୟୁନିଟ୍ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଏକ ଅନନ୍ୟ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ଉଦୟନାଥ ଖଣ୍ଡାଇ, ଚିନ୍ତାମଣି ପାଢ଼ୀ, ପରମାନନ୍ଦ ସାହୁ, ସନ୍ଦୀପ୍ତ ରାୟ, ରାଣାପ୍ରତାପ ମହାପାତ୍ର, ପ୍ରଦୀପ୍ତ ପୃଷ୍ଟି, ମହେଶ୍ୱର ଜେନା, ପ୍ରତାପ ଦାସ, ଉମାକାନ୍ତ ରାଉତ ପ୍ରମୁଖ ସଂଗଠନ ଓ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଶଙ୍କର ପ୍ରତାପ ଦାସ ଧନ୍ୟବାଦ ଦେଇଥିଲେ। ଏସ୍‌ୟୁଜେ ଜେନାପୁର ଶାଖା ପକ୍ଷରୁ ପ୍ରଭାତ କୁମାର ସାହୁ, ସୁବ୍ରତ କୁମାର ସାହୁ, ସୁଶାନ୍ତ କୁମାର ଗୋଚ୍ଛାୟତ, ସୁଶାନ୍ତ ଖଟୁଆ, ସୁନୀଲ ଶତପଥୀ, ବିନୋଦ ପରିଡ଼ା, ଅଶୋକ ଦାସ, ବାବୁଲି ରାଉତ, ପ୍ରଶାନ୍ତ ସାମଲ, ପ୍ରଦୀପ୍ତ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଥାନା ଘେରାଉ

ଧର୍ମଶାଳା,୨।୪(ଡି.ଏନ.ଏ.)



ଭାଜପା କର୍ମୀମାନେ ଥାନା ଘେରାଉ କରିଛନ୍ତି।

ଧର୍ମଶାଳା ଥାନା ଇମାମନଗର ଗ୍ରାମ ନିକଟରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ନିଷ୍କ୍ରିୟତା ପ୍ରଦର୍ଶନ କରୁଛି। ତେଣୁ ଏହାର ପ୍ରତିବାଦରେ ଧର୍ମଶାଳା ଭାଜପା ପକ୍ଷରୁ ଶୁକ୍ରବାର ଥାନା ଘେରାଉ କରାଯାଇଛି। ଧର୍ମଶାଳା ଭାଜପା ନେତା ରମେଶ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ଆସି ଧର୍ମଶାଳା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଭାଜପା ସଭାପତି ଗୌତମ ରାୟ, ପୂର୍ବତନ ଏମ୍‌ପି ମୋହନ ଜେନା, ପ୍ରଦୀପ ବଳସାମନ୍ତ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲିକ, ପବିତ୍ର ମୋହନ ଦାଶ, ଜିଲା ଉପସଭାପତି ମହେନ୍ଦ୍ର ପଣ୍ଡା, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବିଶ୍ୱଜିତ ରାଜ, ଜିଲା ସାଧାରଣ ସମ୍ପାଦକ ଦେବଜନୀ ପ୍ରଧାନ, ସୁଦୀପ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପୋଲିସର କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ଘଟଣାର ୭ଦିନ ପରେ ମଧ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି। ସେହିପରି ଆହତ ସର୍ବେଶ୍ୱରଙ୍କ ସ୍ତ୍ରୀ ରିଲୁ ଥାନାରେ କରିଥିବା ଅଭିଯୋଗକୁ ପୋଲିସ ଗ୍ରହଣ ନ କରି ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରୁଥିବାରୁ ଏହାର ସମାଲୋଚନା କରାଯାଇଥିଲା। ଏପରି କି ରିଲୁ ଅଭିଯୋଗରେ ଦର୍ଶାଇଥିବା ଲୋକଙ୍କୁ ପୋଲିସ ତଦନ୍ତ ପରିସର ଭୁକ୍ତ କରୁ ନ ଥିବା ଅଭିଯୋଗ କରାଯାଇଛି। ତେବେ ପୋଲିସ ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଏକ ଦାବିପତ୍ର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ଏସମ୍ପର୍କରେ ଥାନା ଅଧିକାରୀ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

### ସୂଚନା ଅଧିକାର କର୍ମୀଙ୍କୁ ବୋମାମାଡ଼ ଘଟଣା

ସୂଚନାଯୋଗ୍ୟ, ଧର୍ମଶାଳା ଅଞ୍ଚଳର ସୂଚନାଅଧିକାର କର୍ମୀ ସର୍ବେଶ୍ୱର ତାଙ୍କ ୨ ସହଯୋଗୀଙ୍କ ସହିତ ଗତ ମାସ ୨୭ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିଲେ। ରାତି ପ୍ରାୟ ୯ଟା ୩୦ରେ ଇମାମନଗର ଛକ ନିକଟରେ ୨ଦୁର୍ବୃତ୍ତ ଆସି ତାଙ୍କ ଗାଡିକୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ବୋମାମାଡରେ ସର୍ବେଶ୍ୱର ଗୁରୁତର ହେବା ସହ ତାଙ୍କ ସହଯୋଗୀ ସୁଶାନ୍ତ ବେହେରା ଆହତ ହୋଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.)**- ଖଣ୍ଡପଡ଼ା-ନୟାଗଡ଼ ରାସ୍ତାର ହରିହରପ୍ରସାଦ ଗ୍ରାମ ନିକଟରେ ମାର୍ଚ୍ଚ ୧୭ ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯୁବକ ଆଲୋକ ପଟ୍ଟନାୟକଙ୍କ ଶୁକ୍ରବାର ଭୋର ୬ଟାରେ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ୧୬ ଦିନ ଧରି ଆଲୋକ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୁର୍ଘଟଣାରେ ତାଙ୍କର ମସ୍ତିଷ୍କରେ ଜୋରରେ ଆଘାତ ଲାଗିଥିଲା। ଚିକିତ୍ସିତ ହେଉଥିବା ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଜଣେ ଯୁବ କ୍ରିକେଟର ଭାବେ ଆଲୋକ ଖଣ୍ଡପଡା ଓ ନୟାଗଡ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଖଣ୍ଡପଡା ଫୁଟ୍‌ବଲ ଆସୋସିଏଶନ ଓ ଖଣ୍ଡପଡା କ୍ରିକେଟ କ୍ଲବର ସଦସ୍ୟମାନେ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ପ୍ରତିହିଂସା ପରାୟଣ ରାଜନୀତି

**ନୟାଗଡ ଅଫିସ, ୨।୪**- ପରୀ ହତ୍ୟାକାଣ୍ଡର ହତ୍ୟାକାରୀଙ୍କୁ ଲୋକଲୋଚନକୁ ଆଣିବାକୁ ନୟାଗଡ ବ୍ଲକ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ ବହୁ ଚେଷ୍ଟା କରିଥିଲେ। ତେଣୁ ତାଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସରପଞ୍ଚ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଗାଦିଚ୍ୟୁତ କରିବାର ପ୍ରୟାସ କରିବା ଠିକ୍ ନୁହେଁ। ଜଣେ ମନ୍ତ୍ରୀ ନିଜ ଅନୁଗତଙ୍କୁ ଲଗାଇ ଏଭଳି କରିବା ପ୍ରତିହିଂସା ପରାୟଣ ଓ ଅସହିଷ୍ଣୁତା ରାଜନୀତି ବୋଲି ଜିଲା କଂଗ୍ରେସ ସଭାପତି ରଣଜତ୍ ଦାଶ ପ୍ରେସ ବିବୃତ୍ତି ମାଧମରେ କହିଛନ୍ତି।

### ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୨।୪**-ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଜୁମ୍ ଆପରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ତଥା କୃଷି ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀବାଳା ମହାନ୍ତି, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରରେ ଉନ୍ନତି ଘଟିଛି। ମହାନଦୀରୁ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ, କ୍ରୀଡା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ନୟାଗଡ଼ ଉନ୍ନତି ପଥେ ଅଗ୍ରସର ହେଉଥିବା ବକ୍ତାମାନେ କହିଥିଲେ।

### ବିଦ୍ୟୁତ୍ ଦର ବୃଦ୍ଧି ନେଇ କଂଗ୍ରେସର ଆନ୍ଦୋଳନ ଡାକରା

**ନୟାଗଡ ଅଫିସ,୨।୪**-ବିଦ୍ୟୁତ୍ ବଳକା ରାଜ୍ୟ ଭାବେ ଓଡ଼ିଶା ଦେଶରେ ପ୍ରଥମ। ତେବେ ଟାଟା ପାୱାର କମ୍ପାନୀ ଚାପରେ ସରକାର ଚଳିତ ମାସରୁ ବିଦ୍ୟୁତ୍‌ର ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି କରିବାକୁ ଯାଉଛନ୍ତି। ଏହାକୁ ବିରୋଧ କରି କଂଗ୍ରେସ ଆନ୍ଦୋଳନ କରିବ। ନୟାଗଡ ଟାଟା ପାୱାର ଡିଭିଜନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆସନ୍ତା ୫ ତାରିଖରେ ୪ ଘଣ୍ଟିଆ ବିକ୍ଷୋଭ କରିବ। ସେହିପରି ୬ ତାରିଖରେ ଜିଲାର ୮ ବ୍ଲକ କାର୍ଯ୍ୟାଳୟର ବିଦ୍ୟୁତ୍ ଅଫିସ ଆଗରେ ଅନୁରୂପ ବିକ୍ଷୋଭ କରାଯିବ। ବର୍ଦ୍ଧିତ ବିଦ୍ୟୁତ୍ ଦେୟ ହ୍ରାସ କରିବା ଦାବିରେ ଏହି ଆନ୍ଦୋଳନ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି।

# ମଣ୍ଡିରେ ବିକିଲେ ଧାନ, ଖାତାକୁ ଆସୁନି ଟଙ୍କା

■ସୁନାମୁହିଁ, ବାଲିସିଂସା ସମବାୟ ସମିତିରେ ଅନିୟମିତତା
■କମ୍ ଦାମରେ ନଗଦ ନେବାକୁ ସମ୍ପାଦକଙ୍କ ତାଗିଦ

**ଓଡ଼ଗାଁ, ୨।୪ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ଧାନ କିଣାବିକାରେ ବ୍ୟାପକ ଦୁର୍ନୀତି ହେବା ନେଇ ଅଭିଯୋଗ ୫-ଟି ସଚିବ, ଜିଲାପାଳ ଏପରିକି ଲୋକାୟୁକ୍ତଙ୍କ ନିକଟରେ ବିଚାରାଧୀନ ରହିଛି। ଏ ନେଇ କୌଣସି ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପୁଣି ଥରେ ଚଳିତବର୍ଷ ସୁନାମୁହିଁ ଓ ବାଲିସିଂସା ସେବା ସମବାୟ ସମିତି ଜରିଆରେ ଚାଷୀମାନେ ଧାନ ବିକି ଟଙ୍କା ପାଇ ନାହାନ୍ତି। ତାଙ୍କୁ ସରକାରୀ ଧାର୍ଯ୍ୟମୂଲ୍ୟଠାରୁ କମ୍ ଟଙ୍କା ନଗଦ ଆକାରରେ ଗ୍ରହଣ କରି ନେବାକୁ କୁହାଯାଉଛି। କ୍ଷତିଗ୍ରସ୍ତ ଚାଷୀମାନେ ନୟାଗଡ଼ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଏବଂ ଜିଲାପାଳଙ୍କୁ ତା୧୯।୩।୨୧ରିଖରେ ଲିଖିତ ଅଭିଯୋଗ କରିଥିଲେ। ଏଯାବତ୍ ଚାଷୀ ପ୍ରାପ୍ୟ ପାଇ ପାରିନାହିଁ। ଏ ନେଇ ସୁନାମୁହିଁ ସେବା ସମବାୟ ସମିତି ଲଣ୍ଡାବାଦୁ ଗାଁର ଚାଷୀ ଚନ୍ଦ୍ରଶେଖର ବିଶୋଇଙ୍କ ମୋବାଇଲକୁ ମଣ୍ଡିରେ ଧାନ ବିକ୍ରୟ କରିବାକୁ ମେସେଜ ପହଞ୍ଚିଥିଲା। ଟୋକନ୍ ନଂ. ୩୫୯/୧୨।୨।୨୧ରେ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ଚାଷୀ ବିଶୋଇ ସମବାୟ ସମିତି ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ପରେ କ୍ଷମତାପ୍ରାପ୍ତ ମିଲର ଓଁ ମା' ବାଗ୍‌ଦେବୀ ରାଇସ ମିଲ୍ ୫୦ କୁଇଣ୍ଟାଲ ଧାନ ଉଠାଣ କରିଥିଲା। କିନ୍ତୁ ଚାଷୀ ବିଶୋଇଙ୍କର ସମବାୟ ସମିତିରେ ଆଇ ସ୍କାନିଂ କି ମିଲର ଦ୍ୱାରା ଉଠାଣ ଧାନକୁ ଏଣ୍ଟ୍ରି କରାଗଲାନାହିଁ। ପରବର୍ତ୍ତୀ ମଣ୍ଡି ତାରିଖରେ ଏହାକୁ ଏଣ୍ଟ୍ରି କରାଯିବ ବୋଲି ବିଶୋଇଙ୍କୁ କୁହାଯାଇଥିଲା। ହେଲେ ଏହା କରା ନ ଯିବାରୁ ସେ ଉପରିସ୍ଥ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ବାଲିସିଂସା ସେବା ସମବାୟ ସମିତିରେ ସମାନ ଅନିୟମିତତା ଦେଖାଦେଇଛି। ସୁନାମୁହିଁ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ବାଲିସିଂସା ସେବା ସମବାୟ ସମିତିର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସେଠାରେ ଥିବା ଡାଟା ଏଣ୍ଟ୍ରି ଅପରେଟର ସମ୍ପାଦକ ନାୟକଙ୍କ ସହଯୋଗରେ ମାଳିଆଖୋଲା ଗାଁର ଚାଷୀ ଜୟକୃଷ୍ଣ ନାୟକଙ୍କ ସହ ଏକାଭଳି ଘଟଣା ଘଟିଥିବା ସେ ଅଭିଯୋଗ କରିଛନ୍ତି। ୨୬।୧।୨୧ରେ ୪୧ କୁଇଣ୍ଟାଲ ୪୬ କେଜି ଧାନ ମଣ୍ଡିରେ ଦେବାକୁ ମୋବାଇଲକୁ ମେସେଜ ଆସିଥିଲା। ସମ୍ପାଦକ ନାୟକଙ୍କ ନିର୍ଦ୍ଦେଶରେ ସମାନ ମିଲର ଧାନ ଉଠାଣ କଲେ। କିନ୍ତୁ ଜୟକୃଷ୍ଣଙ୍କ ଆଇ ସ୍କାନିଂ କି ଧାନ ଉଠାଣ ଏଣ୍ଟ୍ରି କରାଯାଇ ନ ଥିଲା। ସେହିପରି ବାଲିସିଂସାର ପ୍ରମୋଦ କୁମାର ନାୟକ ପାଇଥିବା ମେସେଜ ଅନୁସାରେ ତା୨୬।୧।୨୧ରେ ମଣ୍ଡିରେ ଧାନ ଦେବା କଥା। କିନ୍ତୁ ସମିତି ତାକୁ ଆବଶ୍ୟକ ବସ୍ତା ଯୋଗାଇ ନ ଦେବାରୁ ସମ୍ପାଦକ ପ୍ରଧାନଙ୍କ କହିବା ଅନୁସାରେ, ୧୬।୨।୨୧ରେ ପ୍ରମୋଦ ୩୩ କୁଇଣ୍ଟାଲ ୯୪ କେଜି ଧାନ ମଣ୍ଡିକୁ ନେଇଥିଲେ। ମିଲର ମଣ୍ଡିରୁ ଧାନ ଉଠାଇ ନେଇଥିଲେ। ଏ ପର୍ଯ୍ୟନ୍ତ ମିଲରଙ୍କ ପାଖରୁ ପ୍ରମୋଦ ରସିଦ ଦିଆଯାଇ ନାହିଁ। ତାଙ୍କର ଆଇ ସ୍କାନିଂ ଓ ବିକ୍ରି ଧାନ ବିଧିବଦ୍ଧ ଭାବେ ଏଣ୍ଟ୍ରି କରାଯାଇ ନ ଥିଲା। ଏ ନେଇ ଉଭୟ ସମିତିର ଚାଷୀମାନେ ସେମାନଙ୍କ ବ୍ୟାଙ୍କ ଖାତାକୁ ବିକ୍ରି ଲବ୍ଧ ଅର୍ଥ ପହଞ୍ଚି ନାହିଁ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୁଇଣ୍ଟାଲ ପିଛା ସରକାରୀ ଧାର୍ଯ୍ୟ ମୂଲ୍ୟ ୧୮୬୮ ବଦଳରେ ତାଙ୍କଠାରୁ ୧୭୬୫ଟଙ୍କା ଲେଖାଏ ନଗଦ ଆକାରରେ ନେବାକୁ ସମ୍ପାଦକ ପ୍ରସନ୍ନ ଚାଷୀମାନଙ୍କୁ କହିଛନ୍ତି। ହେଲେ ଧାର୍ଯ୍ୟ ମୂଲ୍ୟଠାରୁ ୧୦୩ ଟଙ୍କା କମ୍ ନେବାକୁ ସମ୍ପାଦକ ସେମାନଙ୍କୁ ତାଗିଦ୍ କରିବା ନେଇ ସେମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ସେ କର୍ମଚାରୀ ବଦଳରେ ଧାନ ବେପାରୀ ସାଜିଥିବା ସେମାନେ ସନ୍ଦେହ କରୁଛନ୍ତି। ଏ ସଂକ୍ରାନ୍ତରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ନୟାଗଡ଼ ସର୍କଲ ଭାସ୍କର ପାଣିଗ୍ରାହୀଙ୍କୁ ପଚାରିବାରେ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

## ଅଙ୍ଗନୱାଡି କେନ୍ଦ୍ର ବନ୍ଦ ନେଇ ଅସନ୍ତୋଷ



କୁମ୍ଭାରପଡ଼ା ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଯୋଗୁ ପିଲାମାନେ ବାହାରେ ବସିଛନ୍ତି।

**ଖଣ୍ଡପଡ଼ା,୨।୪ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମର ୩ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨ଟି କେନ୍ଦ୍ର ଅଧିକାଂଶ ସମୟ ବନ୍ଦ ରହୁଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି କାର୍ଯ୍ୟ ଦିବସରେ ମଧ୍ୟ ବିଭିନ୍ନ ପ୍ରକାର ଆଳ ଦେଖାଇ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀମାନେ କେନ୍ଦ୍ରକୁ ବନ୍ଦ ରଖୁଥିବା ଅଭିଯୋଗ ହେଉଛି। କୁମ୍ଭାରପଡା ଗ୍ରାମରେ ଥିବା ଅଙ୍ଗବୱାଡି କେନ୍ଦ୍ର ନଂ. ୧ ଓ ୨ କାର୍ଯ୍ୟ ଦିବସରେ ବନ୍ଦ ରହୁଥିବାରୁ କୋମଳମତି ପିଲାମାନଙ୍କର ପାଠପଢା ବ୍ୟାହତ ହେଉଛି। ଫଳରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନିକଟରେ ଥିବା ୩ନଂ. କେନ୍ଦ୍ରଟିରେ ପାଠ ପଢାପଢି ଚାଲିଥିବା ବେଳେ କେନ୍ଦ୍ର ନଂ. ୧ ଓ ୨ରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି। ଖଣ୍ଡପଡା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ କୁମ୍ଭାରପଡା ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡା ସିଡିପିଓ ସତ୍ୟଭାମା ଦେବୀଙ୍କୁ ପଚାରିବାରେ ଏ ଦିଗରେ ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି ଶୁକ୍ରବାର କାର୍ଯ୍ୟ ଦିବସ ଥିଲେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ର ୨ଟି ବନ୍ଦ ଥିବାରୁ ପିଲାମାନେ ସେଠାକୁ ଯାଇ ଫେରିଥିବା ଜଣାପଡିଛି।

# କୋଭିଡ୍ କଟକଣାରେ ଦଣ୍ଡପର୍ବ ଆରମ୍ଭ



ଖଣ୍ଡପଡ଼ା ମା' ବେଢାକାଳୀଙ୍କ ପୀଠରୁ ଗୁରୁବାର ରାତିରେ ଦଣ୍ଡୁଆମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ପ୍ରମୁଖ ଶୈବପୀଠ ଓ ଦେବୀପୀଠଗୁଡିକରେ ପାରମ୍ପରିକ ଦଣ୍ଡପର୍ବ ଆରମ୍ଭ ହୋଇଛି। ଖଣ୍ଡପଡା ସହରର ଆରାଧ୍ୟ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରସ୍ଥିତ ମା' ବେଢାକାଳୀଙ୍କ ପୀଠରେ ଗୁରୁବାର ରାତିରୁ ଦଣ୍ଡପର୍ବ ଆରମ୍ଭ ହୋଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ଦଣ୍ଡପର୍ବ, ଯାତ୍ରା ପାଳନ କରାଯାଇଛି। ଏପରିକି ଦେବୋତ୍ତର ବିଭାଗ ପକ୍ଷରୁ ମଧ୍ୟ ଏ ନେଇ କଟକଣା ଲାଗୁ କରାଯାଇଛି। ଦଣ୍ଡପର୍ବରେ ଯୋଗ ଦେଇଥିବା ମାନସିକଧାରୀ ଦଣ୍ଡୁଆମାନେ ପ୍ରଶାସନର କଟକଣା ଓ ସରକାରଙ୍କ ବିଧି ବ୍ୟବସ୍ଥା ଅନୁସାରେ ନିରାଡମ୍ବର ଭାବେ କେବଳ ପୂଜାନୀତି କରି କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଆଉ ମାନସିକଧାରୀ ଭକ୍ତମାନଙ୍କ ଗହଳି ଚହଳି ଦେଖିବାକୁ ମିଳିନାହିଁ। ଖଣ୍ଡପଡା ବ୍ଲକ ଅଞ୍ଚଳର ପ୍ରମୁଖ ଶୈବପୀଠ ରୂପେ ଜଣାଶୁଣା ଶ୍ରୀସୋମନାଥଦେବ, ଶ୍ରୀବାଲୁଙ୍କେଶ୍ୱରଦେବ,ଶ୍ରୀଗତିଶ୍ୱରଦେବ, ଶ୍ରୀଲଡୁକେଶ୍ୱରଦେବଙ୍କ ପୀଠରେ ଚଳିତବର୍ଷ ଦଣ୍ଡପର୍ବ କେବଳ ନିରାଡମ୍ବର ଭାବେ ଅନୁଷ୍ଠିତ ହେଉଥିବା ଜଣାଯାଇଛି।

## ସଭାସମିତି ଚାଲିଛି | ଜିଲା ପ୍ରତିଷ୍ଠା ଦିବସକୁ କଟକଣା

**ନୟାଗଡ ଅଫିସ,୨।୪**

କରୋନା କଟକଣା ଭିତରେ ନୟାଗଡ଼ର ବିଭିନ୍ନ ସ୍ଥାନରେ ସଭାସମିତି ଚାଲିଛି। ବିଶେଷକରି ସୃଜନ ସଭାକକ୍ଷ, ପଞ୍ଚାୟତ ସମିତି ଓ ଜିଲା ପରିଷଦ ସଭାଗୃହ, ପଠାଣୀ ସାମନ୍ତ ଅଡିଟୋରିୟମ ଓ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସଭାସମିତି ହେଉଥିଲେ ମଧ୍ୟ କିଛି ଅସୁବିଧା ହେଉନି। ତେବେ ଜିଲାର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଅସୁବିଧା କେଉଁଠି ରହିଲା। ଜିଲାର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ କରା ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଜୁମ ଆପରେ ଜିଲା ପ୍ରତିଷ୍ଠା ଦିବସ ପାଳନକୁ ନେଇ ମଧ୍ୟ ଅନୁରୂପ କ୍ଷୋଭ ପ୍ରକାଶ ପାଇଛି। ଅନୁଦାନ ନ ଥିବା କାରଣରୁ ଜିଲା ପ୍ରତିଷ୍ଠା ଦିବସ ଜୁମ ଆପରେ ପାଳନ କରାଯିବାକୁ ନିଷ୍ପତ୍ତି କରାଗଲା ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କହିବାକୁ ନେଇ ଅନେକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲା ଗଠନର ଅନ୍ୟତମ ସାରଥି ପ୍ରମୋଦ ପଟ୍ଟନାୟକ ଏହାକୁ ଦୁର୍ଭାଗ୍ୟ କହିଛନ୍ତି। ତାଙ୍କ ମତରେ ଜିଲା ପ୍ରଶାସନ ଓ ଜିଲାବାସୀଙ୍କ ମଧ୍ୟରେ ଦୂରତ୍ୱ ବଢ଼ି ଯିବା ସହ ବିଗିଡି ଗଲାଣି। ଏହାର ସତ୍ୟତା ଜାଣିବାକୁ ହେଲେ ଜିଲା ପ୍ରଶାସନ ଏହାର ଅନୁଧ୍ୟାନ କରିବା ଉଚିତ। ଯେଉଁମାନଙ୍କର ଚେଷ୍ଟା, ନିଷ୍ଠା, ସଂଗ୍ରାମ ଯୋଗୁ ଜିଲା ଗଠନ କରାଗଲା ସେମାନଙ୍କୁ ଅଣଦେଖା କରାଯିବା ଠିକ୍ ନୁହଁ। ଅନୁଦାନ ନ ଥିବା କୁହାଯିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଜୁମ୍ ଆପରେ ଜିଲା ପ୍ରତିଷ୍ଠା ଦିବସ ପାଳନ ହେବାରୁ ସେ ଭାଗ ନେଲେ ନାହିଁ। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ କୁହନ୍ତି, ଅନୁଦାନ ଅଛି କି ନାହିଁ ସେ କହିନାହାନ୍ତି। ଜିଲା ମହୋତ୍ସବ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କରୁ ନାହିଁ। ଏହା ଜିଲା ପ୍ରଶାସନ ପାଳନ କରୁଛି। କରୋନା କଟକଣା ଯୋଗୁ ଏହା ଜୁମ୍ ଆପରେ ପାଳନ କରାଯାଇଛି ବୋଲି ସେ କହିଛନ୍ତି।

## ସଂଘର୍ଷ ବିନା ଜୀବନ ତୁଚ୍ଛ

**ଖଣ୍ଡପଡା ୨।୪ (ସ୍ୱ.ପ୍ର.)**

ଜୀବନରେ ଆମକୁ କେବେ ନା କେବେ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଥାଏ। ପ୍ରଶଂସା ତ ସମସ୍ତେ ଚାହାନ୍ତି, କିନ୍ତୁ ଏପରି ହୋଇପାରିବା ସମ୍ଭବ ନୁହେଁ । ଏଭଳି ସ୍ଥିତିରେ ସେମାନଙ୍କୁ ସେ ସବୁକୁ ସାମନା କରିବାକୁ ପଡିଥାଏ। ଏହାଦ୍ୱାରା ମଣିଷ ବିଚଳିତ ହୋଇ ମାନସିକ ଆଘାତ ପାଇବା ସହ ନିଜ ଉପରୁ ବିଶ୍ୱାସ ତୁଟି ଯାଇଥାଏ। ଏହି ସ୍ଥିତିରେ ମଣିଷ ଭଗବତ୍ ଚିନ୍ତନ କରିବା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ମିଳିଥାଏ। ଗୁରୁବାର ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଗ୍ରାମ ବାଟମଙ୍ଗଳା ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟାପକ ଦୀନବନ୍ଧୁ ନାୟକ ଯୋଗଦେଇ ଉପରୋକ୍ତ ମତ ରଖିଥିଲେ। ଏହାଛଡା ସେ ଠାକୁର ପରମହଂସଙ୍କ ବାଣୀକୁ ଆଧାର କରି ଜୀବନ ଓ ଶରୀର ତତ୍ତ୍ୱ ଉପରେ ଉପସ୍ଥିତ ଶତାଧିକ ମହିଳାପୁରୁଷଙ୍କୁ ବୁଝାଇ ଥିଲେ। ସଂଘର୍ଷ ବିନା ଜୀବନ ପଙ୍ଗୁ। ବିଶେଷତଃ ସ୍ୱାର୍ଥ ଏବଂ ଅହଂକାରରୁ ମୁକ୍ତ ହୋଇ ଅନ୍ୟମାନଙ୍କ ପାଇଁ ଯେଉଁ କଷ୍ଟ ସହିବାକୁ ପଡେ ତାହା ହିଁ ପ୍ରକୃତ ଧର୍ମ ବୋଲି ପ୍ରବଚକ ଦାସ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମର୍ଦ୍ଦରାଜପୁର, କଣ୍ଟିଲୋ, ବାଣପୁର ଆଦି ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ।

## ବଦଳିଲେ ଟ୍ରଷ୍ଟି

**ନୟାଗଡ ଅଫିସ,୨।୪**

ଗୋଡିପଡା ଲଡୁକେଶ ମହେଶଙ୍କ ଟ୍ରଷ୍ଟି ବଦଳିଛନ୍ତି। ସୁକାନ୍ତ ଜେନାଙ୍କୁ ଭୁବନେଶ୍ୱର ଏଣ୍ଡାମେଣ୍ଟ କମିଶନର ନୂଆ ଟ୍ରଷ୍ଟି ଭାବେ ନିଯୁକ୍ତି କରିଛନ୍ତି। ଏ ନେଇ ଓଡ଼ଗାଁ ତହସିଲଦାରଙ୍କୁ ଏଣ୍ଡାମେଣ୍ଟ କମିଶନର ଚିଠି ଯୋଗେ ଅବଗତ କରାଇଛନ୍ତି।

## ସୀତାରାମ ୟୁଥ୍ କ୍ଲବରେ ଓଡ଼ିଶା ଦିବସ ସମାରୋହ



ସମାରୋହରେ ଯୋଗ ଦେଇଥିବା ଅତିଥିମାନେ।

**ଦଶପଲ୍ଲା, ୨।୪ (ଡି.ଏନ.ଏ.)**

ଦଶପଲ୍ଲାର ଅଗ୍ରଣୀ ଯୁବ ଅନୁଷ୍ଠାନ ସୀତାରାମ ୟୁଥ୍ କ୍ଲବ ସ୍ୱତନ୍ତ୍ର ଭାବେ ଓଡ଼ିଶା ଦିବସ ସମାରୋହ ପାଳନ କରିଛି। ପ୍ରତ୍ୟୁଷରୁ ଦଶପଲ୍ଲାରେ ଥିବା ଗାନ୍ଧୀ, ଗୋପବନ୍ଧୁ, ଗୋବିନ୍ଦ ମିଶ୍ର, ବିଜୁବାବୁ ଓ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା କରାଇଥିଲା। ଅପରାହ୍ନର ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ହୋଇଥିଲା। ଅଧ୍ୟାପକ ସରୋଜ କୁମାର ପଣ୍ଡା ସଭାପତି ଥିବା ବେଳେ ଶିକ୍ଷକ ରଘୁନାଥ ସାହୁ, ବିଘ୍ନେଶ୍ୱର ବେହେରା ସଂଯୋଜନା କରିଥିଲେ। ପରେ ଦ୍ୱିତୀୟ ଅଧିବେଶନରେ ଏକ ବିତର୍କ ଓଡ଼ିଆ ଭାଷାର ଭବିଷ୍ୟତ ଉପରେ କରାଯାଇଥିଲା। ବିତର୍କରେ ଶିକ୍ଷାବିତ୍ ବିରଞ୍ଚି ନାରାୟଣ ରଥ, ପୁଷ୍ପାଞ୍ଜଳି ଗୋଛି, ପ୍ରତ୍ୟୁଷ ଦିବାକର, ପ୍ରଶାନ୍ତ କୁମାର ସାହୁ, ଗାଳ୍ପିକ ହାଡିବନ୍ଧୁ ମହାଖୁଡ, ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତୃତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଶିକ୍ଷାବିତ୍ ଡ.ନାରାୟଣ ମହାପାତ୍ର, ତ୍ରିନାଥ ସାହୁ, ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ଲବର ସଭାପତି ସୁଜିତ କୁମାର ପ୍ରଧାନ, ଉପସଭାପତି ବ୍ରଜେନ୍ଦ୍ର ପ୍ରସାଦ ଧଳ, ସମ୍ପାଦକ ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ସତ୍ୟବ୍ରତ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଦଶପଲ୍ଲାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମଞ୍ଚ ପକ୍ଷରୁ ବହୁ ସଭ୍ୟ ଓଡ଼ିଶା ଦିବସ ସମାରୋହରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଭାପତି ପ୍ରାଣକୃଷ୍ଣ ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସୀତାରାମ ଲାଲ, ଡା. ଅନ୍ତର୍ଯ୍ୟାମୀ ଭୂୟାଁ, ପ୍ରମୋଦ କୁମାର ସୁବୁଦ୍ଧି, ଉଦୟନାଥ ପାତ୍ର, କୋଷାଧ୍ୟକ୍ଷ ରଙ୍କନିଧି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାକଶାଳା ବଗିଚା ଧ୍ୱଂସାଭିମୁଖୀ

**ନୟାଗଡ଼ ଅଫିସ,୨।୪**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଛି ପାକଶାଳା ବଗିଚା। ପ୍ରାୟ ୬ ବର୍ଷ ତଳେ ଏହି ପାକଶାଳା ବଗିଚା ସୃଷ୍ଟି କରାଯାଇ ୫୦ ହଜାର ଟଙ୍କା ବ୍ୟୟ ହୋଇଥିଲା। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଭିନ୍ନ ସ୍ଥାନରେ ଫୁଲ ଓ ଫଳ ଗଛ ଲାଗିଛି। ହେଲେ ଏହାର ଯତ୍ନ ନେବାକୁ କେହିନାହାନ୍ତି। କିଛି ଗଛ ଆପେ ଆପେ ବଞ୍ଚି ରହିଥିବାବେଳେ ଅନେକ ନଷ୍ଟ ହୋଇଗଲାଣି। ପାକଶାଳା ବଗିଚା କେବଳ ସାଇନବୋର୍ଡରେ ରହିଯାଇଛି। ଏଠାରେ ଆଉ ଫୁଲ ଗଛ, ପିଜୁଳି, କଦଳୀ, ଅମୃତ ଭଣ୍ଡା ଗଛ ଦେଖିବାକୁ ମିଳୁନି। ସିଡିଏମ୍‌ଓ ଅଫିସ ପାଇଁ ନିୟୋଜିତ ମାଳି ଜିଲା ମୁଖ୍ୟ ଚିକିତ୍ସାଳୟର ଗଛ ଗୁଡିକର ଯତ୍ନ ନେଉନାହାନ୍ତି। ସରକାର ମାସକୁ ୪୦ରୁ ୫୦ ହଜାର ଟଙ୍କା ଖର୍ଚ୍ଚ କରି ଅଯଥାରେ ସିଡିଏମ୍‌ଓ ଅଫିସରେ ମାଳିକୁ ବସାଇ ଦରମା ଦେଉଛନ୍ତି।




ପରିତ୍ୟକ୍ତ ହୋଇରହିଛି ପାକଶାଳା ବଗିଚା।

# ଫସିପାରନ୍ତି ମହିଳା ଏଏନ୍ଏମ୍

**ନୟାଗଡ଼ ଅଫିସ/ଓଡ଼ଗାଁ, ୨।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପାଣ୍ଡେରୀପଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଆମ୍ବପଡ଼ା ମୌଜାରେ ଜାଲିଆତି କରି ଧାନ ବିକ୍ରି ମାମଲା ଏବେ ଲୋକାୟୁକ୍ତଙ୍କ ଅଦାଲତରେ। ଏହି ଦୁର୍ନୀତିରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ତା'ର ତଦନ୍ତ ରିପୋର୍ଟ ମେ ୧୫ ସୁଦ୍ଧା ଦେବାକୁ ଖାଦ୍ୟ ନିଗମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ରହିଛି।

ଏ ନେଇ ଆମ୍ବପଡା ଗାଁର ଅନ୍ତର୍ଯ୍ୟାମୀ ମହାପାତ୍ର କୁହନ୍ତି, ମୋ ବାପା ସ୍ୱର୍ଗତ ବିଶ୍ୱନାଥ ମହାପାତ୍ରଙ୍କ ନାଁରେ ନୂଆଗାଁ ତହସିଲ ଆମ୍ବପଡ଼ା ମୌଜାରେ ୧୨୦ ନଂ. ଖାତାରେ ୮୧୩, ୮୪୧ ଓ ୮୪୨ନଂ. ୩ଟି ପ୍ଲଟ ଅଛି। ଏହି ପ୍ଲଟଗୁଡିକୁ ନୂଆ କିଣା ଯାଇଥିବା ଦର୍ଶାଇ

### ଜାଲିଆତି କରି ଧାନ ବିକ୍ରି ମାମଲା

■ ମେ ୧୫ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ
■ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା

୨୦୨୦ ଆର୍ଥିକ ବର୍ଷରେ ୧୩୭ କୁଇଣ୍ଟାଲ ଧାନ ବିକ୍ରି ହୋଇଥିଲା। ଆଶ୍ଚର୍ଯ୍ୟର କଥା ଜମିର ମାଲିକ ମୁଁ ହୋଇ ବି ମୋ ପାଖକୁ ମୋବାଇଲରେ ମେସେଜ ଆସି ନ ଥିଲା କି ଟୋକନ ମଧ୍ୟ ଆସିନାହିଁ। ଏହି ଜାଲିଆତି ଜଣାପଡିବା ପରେ ୫-ଟି ସଚିବଙ୍କୁ ଅଭିଯୋଗ କରିଥିଲି। ସୁଫଳ ନ ମିଳିବାରୁ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛି। ଲୋକାୟୁକ୍ତ ତଦନ୍ତ ଉପରେ ମୋ ପୂରା ଆସ୍ଥା ରହିଛି। ଦୋଷୀ ଦଣ୍ଡ ପାଇବାକୁ ମହାପାତ୍ର ଦାବି କରିଛନ୍ତି। ଏ ନେଇ ଆଇନଜୀବୀ ଓମ୍ କୁମାର ବଳିଆରସିଂ କୁହନ୍ତି, ୧୨୦ ନଂ. ଖାତାରେ ଥିବା ୩ଟି ପ୍ଲଟ ବିକ୍ରି ହୋଇନାହିଁ। ଏଏନ୍ଏମ୍ ମହିଳା ଉର୍ବସୀ ପ୍ରଧାନ ଏହାକୁ ନୂଆ କିଣିଥିବା ଦର୍ଶାଇ ଧାନ ବିକ୍ରି କରିଛନ୍ତି। ହେଲେ ଜମିର ମାଲିକାନା କାଗଜାତ କିଛି ଦେଖାଇ ପାରୁନାହାନ୍ତି। ଧାନ ବିକ୍ରିରେ ଜାଲିଆତି ଧରାପଡିବା ପରେ ମହିଳା ଏଏନ୍ଏମ୍ ନିଜ ଓକିଲଙ୍କ ଜରିଆରେ ଓ ନିଜେ ସ୍ୱାମୀଙ୍କୁ ପୋଷ୍ୟପୁତ୍ର ଓ ଭାଗଚାଷୀ କହି ଧାନ ବିକ୍ରି କରିଥିବା କହୁଛନ୍ତି। ଏପରିକି ଲୋକାୟୁକ୍ତଙ୍କ ନିକଟରେ ଭିନ୍ନ ଭିନ୍ନ ମତ ପୋଷଣ କରୁଛନ୍ତି। ଏଣୁ ଆବଶ୍ୟକ କାଗଜାତ ନ ଥାଇ କିପରି ଧାନ ବିକ୍ରି ହେଉଛି ତାହା ତଦନ୍ତ ସାପେକ୍ଷ। ତେବେ ଏହାର ତଦନ୍ତ ରିପୋର୍ଟ ଖାଦ୍ୟ ନିଗମ ନିର୍ଦ୍ଦେଶକଙ୍କୁ ଦେବାକୁ ନିର୍ଦ୍ଦେଶ ରହିଛି। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, ନୟାଗଡ଼ ଜିଲାରେ ଗୋଚର ଜମି, ମନ୍ଦିର ଜମି, ପଡିଆ, ଜଙ୍ଗଲ, ପୋଖରୀ, ରାସ୍ତା, ପାହାଡକୁ ଜମି ଦର୍ଶାଇ ଜାଲିଆତି କରି ଲକ୍ଷାଧିକ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନାହିଁ। ମହିଳା ଏଏନ୍ଏମ୍ ଜଣେ ଚାକିରିଆ ହୋଇ ଜାଲିଆତିରେ ସାମିଲ ହେବା ଠିକ୍ ନୁହେଁ। ଏହାଦ୍ୱାରା ଜମି ମାଲିକ ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।